ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଅଭିନବ ବ୍ୟବସ୍ଥା

# ଓପିଡି ଟିକଟ କାଟିବ ୪ ଭେଣ୍ଡିଙ୍ଗ୍ ମେସିନ

## ଗୁରୁତର ରୋଗୀଙ୍କୁ ଚିକିତ୍ସାରେ ହେବନାହିଁ ବିଳମ୍ବ

## ମେସିନରେ ରହିଛି ସରଳ ବ୍ୟବହାର ପଦ୍ଧତି

ସମ୍ବଲପୁର, ୯।୨(ସମିସ)

ରାଜ୍ୟ ସରକାର ସ୍ୱାସ୍ଥ୍ୟ କ୍ଷେତ୍ରରେ ବ୍ୟାପକ ପରିବର୍ତ୍ତନ ଆଣିଛନ୍ତି। ଯାହାକି ବିଶ୍ୱ ଦରବାରରେ ପ୍ରଶଂସା କରାଯାଉଛି। ନିରାମୟ ଯୋଜନାରେ ମାଗଣା ଔଷଧ, ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାରେ ଘରୋଇ



ମେଡିକାଲରେ ମାଗଣା ଚିକିତ୍ସା ଭଳି ଲୋକାଭିମୁଖୀ ଯୋଜନା ସଫଳ ରୂପାୟନ ହୋଇପାରିଛି। ମେଡିକାଲ ଗୁଡିକରେ ଥିବା ଆନୁସାଙ୍ଗିକ ବ୍ୟବସ୍ଥା, ଭିତ୍ତିଭୂମିର ବିକାଶ ମଧ୍ୟ ହୋଇପାରିଛି। ସମ୍ବଲପୁର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଓପିଡି ଟିକଟ ପାଇଁ ଟିକଟ କେନ୍ଦ୍ରରେ ରୋଗୀ ସମ୍ପର୍କୀୟମାନଙ୍କୁ ଲମ୍ବା ଲାଇନ ଦେବାକୁ ପଡୁଥିଲା। ଏବେ ସେ ସମସ୍ୟା ଦୂର ହୋଇଛି। ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ୪ ଗୋଟି ସ୍ୱୟଂଚାଳିତ ଟିକଟ କାଟିବା ଭେଣ୍ଡିଂ ମେସିନ ସ୍ଥାପନ ହୋଇଛି। ପ୍ରଥମ ପର୍ଯ୍ୟାୟରେ ୨ ଟି ମେସିନ କାର୍ଯ୍ୟକାରୀ ହୋଇସାରିଛି। ଗୋଟିଏ ସାଧାରଣ ଟିକେଟ କାଉଣ୍ଟରେ ରହିଥିବା ବେଳେ ଅନ୍ୟଟି ଶିଶୁ ଗୃହ ନିକଟରେ ରହିଛି। ରୋଗୀ ସମ୍ପର୍କୀୟମାନଙ୍କୁ କର୍ମଚାରୀମାନେ ଚିକିତ୍ସା ପାଇଁ ଟିକଟ କିଭଳି ନେବେ ସେନେଇ ସଚେତନ କରୁଛନ୍ତି। ମେସିନରେ ସହଜ ଓ ସରଳ ଭାବରେ ଲେଖା ହୋଇଛି ଓ ପ୍ରକ୍ରିୟା ରହିଛି। ଫଳରେ ସମସ୍ତେ ଏହାକୁ ପରିଚାଳନା କରିପାରିବେ। ଏହାର ବ୍ୟବହାର ବୃଦ୍ଧି ପାଇଲେ ରୋଗୀଙ୍କୁ ଚିକିତ୍ସା ମିଳିବାରେ ବିଳମ୍ବ ହେବନାହିଁ। ଶିଘ୍ର ଟିକଟ କରି ଡାକ୍ତରଙ୍କ ପରାମର୍ଶ ନେଇ ଔଷଧ ନେଇ ପାରିବେ। ପୂର୍ବରୁ ସମ୍ବଲପୁର ମୁଖ୍ୟ ଚିକିତ୍ସାଳୟକୁ ଆସିବାକୁ ହେଲେ ଓପିଡି ଟିକଟ ପାଇଁ ରୋଗୀମାନେ ବିଭିନ୍ନ ସମସ୍ୟାର ସମ୍ମୁଖୀନ ହେଉଥିଲେ। ପ୍ରଥମେ ଲାଇନ ଲଗାଇ ରୋଗୀର ସମସ୍ତ ସୂଚନା ଦେବାକୁ ପଡ଼ିଥାଏ। ତା ପରେ ଓପିଡି ଟିକଟ ମିଳିଥାଏ। ଏବେ ଖୁବ ସହଜରେ ଯେ କେହିବି ଟିକଟ କରିପାରିବେ। ଗୁରୁତର ରୋଗୀ, ପୁଲିସ ଓ ଆମ୍ବୁଲାନ୍ସରେ ଆସିଥିବା ରୋଗୀ ପାଇଁ ଆଉ ଧାଡିରେ ରହି ଟିକେଟ ସଂଗ୍ରହ କରିବାକୁ ପଡ଼ିବ ନାହିଁ। ଏହାର ବ୍ୟବହାର ସହଜ ରହିଛି, ପ୍ରଥମେ କେଉଁ ବିଭାଗର ପରାମର୍ଶ ନେବାକୁ ହେବ ସେହି ବିଭାଗକୁ ଚୟନ କରାଯିବ। ପରେ ନିଜ ନାମ, ବୟସ, ଠିକଣା ଓ ମୋବାଇଲ ନମ୍ବର ପ୍ରଦାନ କରିବେ। ତା ପରେ ପ୍ରିଣ୍ଟିଂ କରିବା ପାଇଁ ମେସିନ ଏକ କମାଣ୍ଡ ଦେବ। ଶେଷରେ ମେସିନ ଭିତରୁ ପ୍ରିଣ୍ଟିଂ ହୋଇ ଟିକଟ ବାହାରି ଆସିବ। ଏହି ବ୍ୟବସ୍ଥା ମୁଖ୍ୟ ଚିକିତ୍ସାଳୟରେ ଗତ ସୋମବାରଠାରୁ ଆରମ୍ଭ ହୋଇଛି। ଲୋକଙ୍କୁ ତାଲିମ ପ୍ରଦାନ କରିବା ପାଇଁ ଚିକିତ୍ସାଳୟ ପକ୍ଷରୁ ଏକ ତାଲିମଦାତା ମଧ୍ୟ ଯୋଗାଇ ଦିଆଯାଇଛି।



ପଞ୍ଜୀକରଣ ପାଇଁ ଆସୁଥିବା ସମସ୍ତ ରୋଗୀଙ୍କୁ ଆମେ ଏହି ମେସିନ ପାଖକୁ ଡାକୁଛୁ। ଏହାର ବ୍ୟବହାର ବିଷୟରେ କହୁଛୁ। କେମିତି ନିଜେ ଏହାର ବ୍ୟବହାର ଶିଖି ଟିକଟ କରିପାରିବେ ତାହା ତାଲିମ ମଧ୍ୟ ଦିଆଯାଉଛି। ଏହା ରୋଗୀ ସମ୍ପର୍କୀୟ ମାନଙ୍କ ପାଇଁ ବହୁତ ସୁବିଧା ଯୋଗାଇବ।

**ଜୋତ୍ସ୍ନାମୟୀ ମେହେର** (ତାଲିମଦାତା)



ଗୁରୁତର ରୋଗୀ ନେଇକି ଆସିଲେ ମଧ୍ୟ ଟିକଟ ପାଇଁ ଧାଡିରେ ଅପେକ୍ଷା କରିବାକୁ ପଡୁଥିଲା। ଆଜି ଏହି ମେସିନରୁ ନିଜେ ନିଜର ଟିକେଟ ମୁ ଅତି ସହଜରେ କାଟି ପାରିଲି। ଏହି ମେସିନ ପାଇଁ ବହୁ ଲୋକ ସୁବଧା ପାଇ ପାରିବେ। ପଦକ୍ଷେପ ପାଇଁ ମୁଁ ରାଜ୍ୟ ସରକାର ଓ ଡାକ୍ତରଖାନା କର୍ତ୍ତୃପକ୍ଷଙ୍କୁ ଧନ୍ୟବାଦ ଦେଉଛି।

**ଜ୍ୟୋର୍ତିମୟୀ ପଟେଲ** (ମୁଦିପଡ଼ା)



ମୁ ଜଣେ ବରିଷ୍ଠ ନାଗରିକ। ପୂର୍ବରୁ ଧାଡିରେ ରହିବାକୁ ପଡୁଥିଲା। ଏହି ମେସିନର ବ୍ୟବହାର ବହୁତ ସହଜ। ଆଜି ନିଜେ ମୁ ଟିକଟ କରିପାରିଲି। ତେଣୁ ସମସ୍ତଙ୍କୁ ଆହ୍ୱାନ ଦେଉଛି ଏହି ମେସିନକୁ ବ୍ୟବହାର କରି ଟିକେଟ କରନ୍ତୁ। ଏହି ସୁବିଧାର ଲାଭ ନିଅନ୍ତୁ ବୋଲି ସେ କହିଛନ୍ତି।

**ପିଆର ହୋତା** (ଗୁଜୁରାଟୀ କଲୋନୀ)

# ୧୧ରେ ସମ୍ବଲପୁର ଆସିବେ ମୁଖ୍ୟମନ୍ତ୍ରୀ

**ସମ୍ବଲପୁର, ୯।୨(ସମିସ):** ଗତ ଜାନୁଆରୀ ୨୭ ତାରିଖ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସମ୍ବଲପୁର ଗସ୍ତରେ ଆସି ସମଲେଇ ପ୍ରକଳ୍ପର ଲୋକାର୍ପଣ କରିଥିଲେ। ତେବେ ଏହାର ମାତ୍ର ୧୫ଦିନ ଭିତରେ ପୁଣିଥରେ ଫେବୃଆରୀ ୧୧ତାରିଖ ସମ୍ବଲପୁର ଗସ୍ତରେ ଆସୁଛନ୍ତି। ମାନ୍ୟବର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସମ୍ବଲପୁରକୁ କର୍ମଚାରୀ ସାମିଲ ହେବେ। ସାରା ରାଜ୍ୟରୁ ସମସ୍ତ ସିଜିନାଲ କର୍ମଚାରୀଙ୍କୁ ଏହି ସମାବେଶରେ ସାମିଲ ହେବା ପାଇଁ ସଂଘ ରାଜ୍ୟ ସଭାପତି ବିଜୟ ମହାନ୍ତି ଆହ୍ୱାନ କରିଛନ୍ତି। ସଂଘ ପକ୍ଷରୁ ବିଭିନ୍ନ ସାମାଜିକ ସୁରକ୍ଷା ଯୋଜନାର ପ୍ରଚଳନ ପାଇଁ ଦାବି ହୋଇଆସୁଛି। ଅତୀତରେ ମାନ୍ୟବର ମୁଖ୍ୟମନ୍ତ୍ରୀ କେନ୍ଦୁପତ୍ର ତୋଳାଳି ଓ କର୍ମଚାରୀ

- କେନ୍ଦୁପତ୍ର କର୍ମଚାରୀ ସଂଘ ସମାବେଶରେ ଯୋଗଦେବେ
- ପ୍ରଶାସନ ଓ ସଂଘର ତୁହାକୁ ତୁହା ବୈଠକ



ବିଶେଷ ଦୃଷ୍ଟି ଦେଉଛନ୍ତି ବୋଲି ବୁଦ୍ଧିଜୀବୀମାନେ ଖୁସି ପ୍ରକଟ କରୁଛନ୍ତି। ଉକ୍ତଦିନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ରେଢ଼ାଖୋଲ ବିଧାନସଭା ଅନ୍ତର୍ଗତ ଚାରମାଲ ସ୍କୁଲପଡ଼ିଆରେ ରାଜ୍ୟ କେନ୍ଦୁପତ୍ର କର୍ମଚାରୀ ସଂଘ ମହାସମାବେଶରେ ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ଏଥିପାଇଁ ଜିଲ୍ଲା ପ୍ରଶାସନ ଓ କର୍ମଚାରୀ ସଂଘ ସଦସ୍ୟ ମାନଙ୍କ ତୁହାକୁ ତୁହା ବୈଠକ ହେଉଛି। ପ୍ରଶାସନ ସଭାସ୍ଥଳ ଗସ୍ତ କରି କେତେ ପରିମାଣ ସଦସ୍ୟ ଯୋଗଦେବେ, କ'ଣ କାର୍ଯ୍ୟକ୍ରମ ରହିଛି ସେ ନେଇ ଆଲୋଚନା କରୁଛନ୍ତି। ସଭାସ୍ଥଳରେ ଲୋକଙ୍କ ବସିବା ସୁବିଧା, ପାର୍କିଂ ବ୍ୟବସ୍ଥା, ଟ୍ରାଫିକ ସମସ୍ୟା ସବୁ ଦିଗରେ ଆଲୋଚନା କରାଯାଉଛି। ଟେଣ୍ଟ କାମ ଶେଷ ପର୍ଯ୍ୟାୟରେ। ମୁଖ୍ୟମନ୍ତ୍ରୀଙ୍କ ଗସ୍ତ ସୂଚିର ନିର୍ଦ୍ଧାରିତ ସମୟ ଓ କାର୍ଯ୍ୟକ୍ରମ ସମ୍ପୂର୍ଣ୍ଣ ସୂଚନା ଏ ଯାଏ ଦିଆଯାଇ ନାହିଁ। ହେଲେ କେନ୍ଦୁପତ୍ର କର୍ମଚାରୀ ସଂଘର ହଜାର ହଜାର ସଦସ୍ୟ ମୁଖ୍ୟମନ୍ତ୍ରୀଙ୍କ ଗସ୍ତକୁ ନେଇ ବେଶ୍ ଉତ୍ସାହିତ ରହିଛନ୍ତି। ଏହି ସମାବେଶରେ ବିଭିନ୍ନ ଜିଲ୍ଲାରୁ ୫୦ହଜାରରୁ ଊର୍ଦ୍ଧ୍ୱ ତୋଳାଳି, ମାନଙ୍କ ପାଇଁ ଅନେକ କଲ୍ୟାଣ କାରି ଯୋଜନା ପ୍ରଣୟନ କରିଥିବା ବେଳେ ଏହି କାର୍ଯ୍ୟକ୍ରମରେ ମଧ୍ୟ ଆଉ କିଛି କଲ୍ୟାଣ ଯୋଜନା ପ୍ରଣୟନ ପାଇଁ ଅନୁରୋଧ କରାଯିବ। ଏହା ସହିତ କେନ୍ଦୁପତ୍ର ଉପରୁ ସମ୍ପୂର୍ଣ୍ଣ ଜିଏସ୍‌ଟି ଛାଡ଼ ପାଇଁ କେନ୍ଦ୍ର ସରକାରଙ୍କ ଉପରେ ଆହୁରି ଚାପ ସୃଷ୍ଟି ପାଇଁ ମୁଖ୍ୟମନ୍ତ୍ରୀଙ୍କୁ ଅନୁରୋଧ କରାଯିବ ବୋଲି ସଂଘ ପକ୍ଷରୁ ନିଷ୍ପତ୍ତି ନିଆଯାଇଥିବା ଜଣାପଡ଼ିଛି। ଏହି କାର୍ଯ୍ୟକ୍ରମରେ ସଂଘର ରାଜ୍ୟ କର୍ମକର୍ତ୍ତା ସମେତ, ଓଡ଼ିଶା ସରକାରଙ୍କ ଅନେକ ଉଚ୍ଚ ପଦ ଅଧିକାରୀ ଉପସ୍ଥିତ ରହିବେ ବୋଲି ସଂଗଠନ ସମ୍ପାଦକ ସଞ୍ଜିତ ମହାନ୍ତି ସୂଚନା ଦେଇଛନ୍ତି। ଏହି କାର୍ଯ୍ୟକ୍ରମକୁ ସଫଳ କରିବା ପାଇଁ ସଂଘ ଉପସଭାପତି ଗୋକୁଳ ମେହେର, ବିନୋଦ ପ୍ରଧାନ ସମ୍ପାଦକ ମହମ୍ମଦ ମୁର୍ତ୍ତୁଜା, ଶିବାନନ୍ଦ ପରିଛା, ସରୋଜ କର୍ଣ୍ଣ ଶ୍ରୀକାନ୍ତ ମିଶ୍ର, ରତ୍ନାକର ପ୍ରଧାନ, ଯଦୁ ପାଣିଗ୍ରାହୀ, ଡିଭିଜନ ସମ୍ପାଦକ କିଶୋର ପ୍ରଧାନ, ଉଦିତ ତ୍ରିପାଠୀ, ଭୂପେନ୍ଦ୍ର ନାୟକ, ପ୍ରଦୀପ ସାହୁ, ସଞ୍ଜୟ ଚୌଧୁରୀ, କ୍ଷେତ୍ର ମୋହନ ବାରିକ, କୀର୍ତ୍ତନ ସେନାପତି ପ୍ରମୁଖ ରେଢ଼ାଖୋଲ ଠାରେ ନିଜର ପ୍ରସ୍ତୁତି ଜାରି ରଖିଛନ୍ତି।

## ଜମନକିରା ବସ୍‌ଷ୍ଟାଣ୍ଡରୁ ମହିଳାଙ୍କ ଟଙ୍କା ଲୁଟ୍

**ଜମନକିରା, ୯।୨(ସମିସ):** ଜମନକିରା ବସ୍‌ଷ୍ଟାଣ୍ଡରୁ ଶୁକ୍ରବାର ସକାଳ ପ୍ରାୟ ୧୦ ଟାରେ କାଲୋପଡ଼ା ଗ୍ରାମର ସୁଭଦ୍ରା କାଲୋଙ୍କ ଠାରୁ ୯ ହଜାର ଟଙ୍କା ଲୁଟ ହୋଇଛି। ସମ୍ବଲପୁର ଯିବା ପାଇଁ ସେ ବସ୍‌କୁ ଅପେକ୍ଷା କରିଥିଲେ। ଏହି ସମୟରେ କେହି ଦୁର୍ବୃତ୍ତ ତାଙ୍କ ବ୍ୟାଗରୁ ପର୍ସକୁ ନେଇଯାଇଥିଲା। ସୁଭଦ୍ରା କାଲୋପଡ଼ା ଗ୍ରାମରୁ ଏକ ଅଟୋ ଯୋଗେ ଜମନକିରାକୁ ଆସି ସମ୍ବଲପୁର ଯିବା ପାଇଁ ବସଷ୍ଟାଣ୍ଡରେ ଅପେକ୍ଷା କରିଥିଲେ। ବସ୍‌କୁ ଚଢ଼ିବା ସମୟରେ ତାଙ୍କ ବ୍ୟାଗରେ ପର୍ସ ନ ଥିବା ସେ ଦେଖିବାକୁ ପାଇଥିଲେ। ଜମନକିରା ଥାନା ଅଧିକାରୀ ପଦ୍ମାଳୟା ସାହୁଙ୍କୁ ଯୋଗାଯୋଗ କରି ପଚାରିବାରୁ ଏ ସମ୍ପର୍କରେ କୌଣସି ଲିଖିତ ଅଭିଯୋଗ ହେବା ପରେ ତଦନ୍ତ ହେବ ବୋଲି କହିଥିଲେ।

## ଟ୍ରେନ୍ ଦୁର୍ଘଟଣାରେ ଯୁବକ ମୃତ

**ସମ୍ବଲପୁର, ୯।୨(ସମିସ):** ଅତାବିରା-ଦେବାହାଲ ଷ୍ଟେସନ ମଧ୍ୟରେ ଟ୍ରେନ୍ ଧକ୍କାରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ମୃତ ଯୁବକ ଜଣ ଝାରଖଣ୍ଡର ଜିତେନ୍ଦ୍ର କୁମାର ବିଶ୍ୱାକର୍ମା ବୋଲି ଜଣାପଡ଼ିଛି। ଟ୍ରେନରେ ଯିବା ବେଳେ ଖସିପଡ଼ିଥିବା ପୁଲିସ ସନ୍ଦେହ କରୁଛି। ଜିଆର୍‌ପି ପୁଲିସ ମୃତଦେହ ଉଦ୍ଧାର କରି ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଛି।

### ରାଜ୍ୟ ସମବାୟ ବ୍ୟାଙ୍କ ସଭାପତିଙ୍କ ସମ୍ବଲପୁର ଗସ୍ତ

## ମୁଖ୍ୟମନ୍ତ୍ରୀଙ୍କ ଯୋଜନାର ସଫଳ ରୂପାୟନ ପାଇଁ ନିର୍ଦ୍ଦେଶ

**ସମ୍ବଲପୁର, ୯।୨(ସମିସ):** ଓଡ଼ିଶା ରାଜ୍ୟ ସମବାୟ ବ୍ୟାଙ୍କ ସଭାପତି ଟି.ପ୍ରକାଶ ଦୋରା



ସମ୍ବଲପୁର ଗସ୍ତରେ ଆସିଛନ୍ତି। ପ୍ରଥମେ ବୁଢ଼ାରଜାରେ ଥିବା ରାଜ୍ୟ ସମବାୟ ବ୍ୟାଙ୍କର ଶାଖା ପରିଦର୍ଶନ କରିଥିଲେ। ସେଠାରେ ବ୍ୟାଙ୍କର ବ୍ୟବସାୟ ଅଭିବୃଦ୍ଧି, କୃଷକମାନଙ୍କୁ କୃଷିରଣ ପ୍ରଦାନ, ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ମହତ୍ୱାକାଂକ୍ଷୀ ଯୋଜନାର ସୁଫଳ ଯେଭଳି କୃଷି ଓ କୃଷକ, ବୁଣାକାର, ସମାଜର ନିମ୍ନବର୍ଗର ଜନତା ପାଇବେ ସେଥିପ୍ରତି ଧ୍ୟାନ ଦେବାକୁ ନିର୍ଦ୍ଦେଶ ଦେଇଥିଲେ। ଏହାପରେ ସଭାପତି ଶ୍ରୀ ଦୋରା ମାଁ ସମଲେଶ୍ୱରୀଙ୍କ ମନ୍ଦିରକୁ ଯାଇ ମାଁ ସମଲେଶ୍ୱରୀଙ୍କ ଦର୍ଶନ କରିଥିଲେ। ସ୍ଥାନୀୟ ବରିଷ୍ଠ ସାମ୍ବାଦିକ ତଥା ସମବାୟବିତ୍ ରାଜାରାମ ପାଢ଼ୀ ତାଙ୍କୁ ସ୍ୱାଗତ କରିବା ସହ ମାଁ ସମଲେଶ୍ୱରୀଙ୍କ ଦର୍ଶନ କରାଇଥିଲେ। ମନ୍ଦିର ଟ୍ରଷ୍ଟ ବୋର୍ଡର ସଭାପତି ତଥା କାଳିଆ ଯୋଜନା ରାଜ୍ୟ ଉପଦେଷ୍ଟା ସଞ୍ଜୟ କୁମାର ବାବୁ ମାଁଙ୍କ ମନ୍ଦିର ପରିସରରେ ତାଙ୍କୁ ସୌଜନ୍ୟମୂଳକ ସାକ୍ଷାତ୍ କରିବା ସହିତ ସମଲେଇ ପ୍ରକଳ୍ପ ସଂକ୍ରାନ୍ତରେ କହିଥିଲେ। ସେଠାରୁ ହୋଟେଲ ଗ୍ରାଣ୍ଡ ଶିବାରେ ରାଜ୍ୟ ସମବାୟ ବ୍ୟାଙ୍କ୍ ସଭାପତି ଟି.ପ୍ରକାଶ ଦୋରା ଦଳୀୟ କର୍ମକର୍ତ୍ତାଙ୍କୁ ସୌଜନ୍ୟମୂଳକ ସାକ୍ଷାତ କରିବା ସହିତ ସମବାୟ ଯୋଜନାର ସୁଫଳ ଯେଭଳି ସାଧାରଣ ଜନତାଙ୍କ ନିକଟରେ ପହଞ୍ଚିବ ସେଥିପ୍ରତି ଧ୍ୟାନ ଦେବାକୁ ଅନୁରୋଧ କରିଥିଲେ। ତାଙ୍କର ଏହି ଗସ୍ତରେ ସମ୍ବଲପୁର ଓ ସୁନ୍ଦରଗଡ଼ କେନ୍ଦ୍ର ସମବାୟ ବ୍ୟାଙ୍କର ସଭାପତିମାନେ ସାମିଲ ଥିଲେ।

## ସାଧାରଣ ନିର୍ବାଚନ ପାଇଁ ପ୍ରଶାସନର ପ୍ରସ୍ତୁତି ବୈଠକ




**ସମ୍ବଲପୁର, ୯।୨(ସମିସ):** ସାଧାରଣ ନିର୍ବାଚନ ୨୦୨୪ ପାଖେଇ ଆସୁଛି। ଏହାକୁ ନେଇ ଆଜି ଜିଲ୍ଲା ପ୍ରଶାସନ ପକ୍ଷରୁ ଜିଲ୍ଲାପାଳ ଅକ୍ଷୟ ସୁନିଲ ଅଗ୍ରୱାଲଙ୍କ ଅଧ୍ୟକ୍ଷତାରେ ପ୍ରାକ୍ ପ୍ରସ୍ତୁତି ଓ ସମନ୍ୱୟ ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଏସ୍‌ପି ମୁକେଶ କୁମାର ଭାମୁ, ଅତିରିକ୍ତ ଜିଲ୍ଲାପାଳ ଆଜାମ୍ବର ମହାନ୍ତି ଓ ସମ୍ବିତ କୁମାର ଗଡ଼ନାୟକ, ସମ୍ବଲପୁର ମହାନଗର ନିଗମ କମିସନର ବେଦଭୂଷଣ, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଧର୍ମେନ୍ଦ୍ର ମଲ୍ଲିକ, କୁଚିଣ୍ଡା, ରେଢ଼ାଖୋଲ ଏବଂ ସମ୍ବଲପୁର ସଦର ଉପଜିଲ୍ଲାପାଳ ସମେତ ସମସ୍ତ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ। ବୈଠକରେ ପୋଲିଂ ଷ୍ଟେସନ, ସମ୍ବେଦନଶୀଳ ପୋଲିଂ ଷ୍ଟେସନ, ଟ୍ରେନିଂ, ଟିମ ଗଠନ, ଇଭିଏମ, ମୋବାଇଲ ଭେନ, ଆଦର୍ଶ ଆଚରଣ ସଂହିତା, ଏନ୍‌ଫୋର୍ସମେଣ୍ଟ ଇତ୍ୟାଦି ବିଷୟରେ ଉପରେ ବିସ୍ତୃତ ଭାବେ ଆଲୋଚନା କରାଯାଇଥିଲା। ଅଧିକାରୀମାନେ ଉତ୍ତମ ଭାବେ ସମନ୍ୱୟ ରଖି ଚଳିତ ସାଧାରଣ ନିର୍ବାଚନରେ କାର୍ଯ୍ୟ କରିବାକୁ ଜିଲ୍ଲାପାଳ ଅଧିକାରୀ ମାନଙ୍କୁ ପରାମର୍ଶ ଦେଇଛନ୍ତି। ଏହା ସହିତ ନିର୍ବାଚନ ପାଇଁ ନିଜ ନିଜ ପ୍ରସ୍ତୁତିକୁ ଜୋରଦାର କରିବାକୁ ଜିଲ୍ଲାପାଳ କହିଛନ୍ତି।

## ଏକଲବ୍ୟ ଆଦର୍ଶ ଆବାସିକ ବିଦ୍ୟାଳୟର ବାର୍ଷିକୋତ୍ସବ

**କୁଚିଣ୍ଡା, ୯।୨(ସମିସ):** ଶୁକ୍ରବାର କୁଚିଣ୍ଡା ସ୍ଥିତ ଏକଲବ୍ୟ ଆଦର୍ଶ ଆବାସିକ ବିଦ୍ୟାଳୟର ଦ୍ୱିତୀୟ ବାର୍ଷିକୋତ୍ସବ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଚକ୍ରଧର ମାଝୀଙ୍କ




ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଅତିରିକ୍ତ ଜିଲ୍ଲା ମଙ୍ଗଳ ଅଧିକାରୀ ଅନିଭା ନାୟକ ମୁଖ୍ୟ ଅତିଥି ଏବଂ ଫାଶୀମାଲ ଆଞ୍ଚଳିକ ମହାବିଦ୍ୟାଳୟର ଅଧ୍ୟକ୍ଷ ଜ୍ୟୋସ୍ନାରାଣୀ ଦଳବେହେରା ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବରେ କୁଚିଣ୍ଡା ମହାବିଦ୍ୟାଳୟର ପୂର୍ବତନ ଅଧ୍ୟକ୍ଷ ରଞ୍ଜନ ମହାପାତ୍ର, ବିଦ୍ୟାଳୟର ପରିଚାଳନା କମିଟିର ସଭ୍ୟ ତଥା ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ପ୍ରଫୁଲ୍ଲ ସାହୁ, ପରିଚାଳନା କମିଟିର ସଭାପତି ନରେନ୍ଦ୍ର ବାଗ ଯୋଗ ଦେଇଥିଲେ। ଶିକ୍ଷୟିତ୍ରୀ ଜୁଲି ପ୍ରଧାନ ବାର୍ଷିକ ବିବରଣୀ ପ୍ରଦାନ କରିଥିଲେ। ଛାତ୍ରଛାତ୍ରୀ ମାନଙ୍କ ମଧ୍ୟରେ ଥିବା ଅନ୍ତର୍ନିହିତ ପ୍ରତିଭାକୁ ଚିହ୍ନଟ କରି ତାକୁ ବିକଶିତ କରିବା ପାଇଁ ଶିକ୍ଷକ, ଶିକ୍ଷୟିତ୍ରୀ ମାନେ ଉଦ୍ୟମ କରିବା ଉଚିତ୍। ଛାତ୍ରଛାତ୍ରୀ ମଧ୍ୟ ପାଠ ପଢ଼ି ଭଲ ମଣିଷ ହୋଇ ଦେଶର ଉନ୍ନତି ପାଇଁ ସଂକଳ୍ପ ନିଅନ୍ତୁ ବୋଲି ମୁଖ୍ୟ ଅତିଥି କହିଥିଲେ। ସମୀକ୍ଷା ବାରିକ ଅତିଥି ପରିଚୟ ପ୍ରଦାନ କରିବା ସହ ସଭା ପରିଚାଳନା କରିଥିଲେ। ଏହି ଅବସରରେ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା। ସଭା ଶେଷରେ ସୁଦୀପ୍ତା ମହାରଣା ଧନ୍ୟବାଦ ଅର୍ପଣ କରିଥିଲେ। ଛାତ୍ରଛାତ୍ରୀ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ।

## ସନାତନପାଲି ଆଶ୍ରମ ସ୍କୁଲରେ ବାର୍ଷିକ ଉତ୍ସବ



**ଯୁଯୁମୁରା, ୯।୨(ସମିସ):** ଯୁଯୁମୁରା ବ୍ଲକର ସନାତନପାଲି ଠାରେ ଥିବା ଆଶ୍ରମ ବିଦ୍ୟାଳୟର ବାର୍ଷିକ ଉତ୍ସବ ୨୦୨୪ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଶିକ୍ଷୟିତ୍ରୀ ସରିତା ସରେଙ୍ଗଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ବଡ଼ସାହିର ହାଇସ୍କୁଲର ପ୍ରଧାନ ଶିକ୍ଷକ ଯୁଗଲ କିଶୋର ନାୟକ ମୁଖ୍ୟ ଅତିଥି ଏବଂ ଘେନୁପାଲି ସିଆର୍‌ସିସି ସତ୍ୟବାଦୀ ଟପ୍ପୋ ମୁଖ୍ୟ ବକ୍ତା ଭାବେ ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବରେ ଘେନୁପାଲି ପଞ୍ଚାୟତ ସରପଞ୍ଚ ଜଗଦେଶ୍ୱର ମିର୍ଦ୍ଧା ଯୋଗଦାନ କରିଥିଲେ। ଏହି କାର୍ଯ୍ୟକ୍ରମରେ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀ ତଥା ମେଧାବୀ ଛାତ୍ରଛାତ୍ରୀମାନଙ୍କୁ ଅତିଥିଗଣ ପୁରସ୍କାର ପ୍ରଦାନ କରିଥିଲେ। ଛାତ୍ରଛାତ୍ରୀ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ଶେଷରେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଚୈତନ୍ୟ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

## 'ଆମ ସଂସ୍କୃତି ଆମ ଖେଳଣା' କାର୍ଯ୍ୟକ୍ରମ

**ସମ୍ବଲପୁର, ୯।୨(ସମିସ):** ସମ୍ବଲପୁର ଜିଲ୍ଲା ମାନେଶ୍ୱର ବ୍ଲକ ବାଲପୁର ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ 'ଆମ ସଂସ୍କୃତି ଆମ ଖେଳଣା' କାର୍ଯ୍ୟକ୍ରମ ଅନୁଷ୍ଠିତ ହେଇଯାଇଛି। ପାଞ୍ଚଫୁଟ ଉନ୍ନୀତ ଉଚ୍ଚବିଦ୍ୟାଳୟର ପ୍ରଧାନ ଶିକ୍ଷକ ସୁଶୀଲ କୁମାର ପାଣିଗ୍ରାହୀ ମୁଖ୍ୟ



ଅତିଥି ଭାବରେ ଯୋଗଦେଇ ଦୀପ ପ୍ରଜ୍ୱଳନ ପୂର୍ବକ ଏହାର ଉଦ୍‌ଘାଟନ କରିଥିଲେ। ଧମା କ୍ଲଷ୍ଟରର ସଂଯୋଜକ ସୁଜିତ ରଣବିଡା ସ୍ୱାଗତ ଭାଷଣ ଦେଇ କାର୍ଯ୍ୟକ୍ରମର ଲକ୍ଷ ଓ ଉଦ୍ଦେଶ୍ୟ ସମ୍ପର୍କରେ ସୂଚନା ଦେଇଥିଲେ। ଏହି କର୍ମଶାଳାରେ ଧମା ଓ ଡକରା କ୍ଲଷ୍ଟରର ବହୁ ଶିକ୍ଷକ, ଶିକ୍ଷୟିତ୍ରୀ ଯୋଗଦେଇ ଶ୍ରେଣୀଗୃହରେ ପାଠ ଉପଯୋଗୀ ଖେଳଣା ତିଆରି କୌଶଳ ଶିଖିବା ସହ ତିଆରି କରିଥିଲେ।

## ଏଲ୍‌ଏନ୍‌ଟି ପକ୍ଷରୁ ଜାତୀୟ ସଡ଼କ ସୁରକ୍ଷା ମାସ ପାଳନ




**ରେଙ୍ଗାଲି, ୯।୨(ସମିସ):** ରେଙ୍ଗାଲି ବାଳିକା ଉଚ୍ଚ ବିଦ୍ୟାଳୟରେ ୩୫ତମ ଜାତୀୟ ସୁରକ୍ଷା ମାସ ଉପଲକ୍ଷେ ଏଲ୍‌ଏନ୍‌ଟି ତରଫରୁ ସଡ଼କ ସୁରକ୍ଷା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟ ଅତିଥି ଭାବେ ରେଙ୍ଗାଲି ଥାନାର ସବଇନ୍ସପେକ୍ଟର ଲବଣ ନନ୍ଦ ମହୋଦୟ, ସାମ୍ବାଦିକ ନରେଶ ମାହାଣା, ରେଙ୍ଗାଲି ସରପଞ୍ଚ ଚିତ୍ତରଞ୍ଜନ ବାଗ, ଶିକ୍ଷୟିତ୍ରୀ ସନ୍ଧ୍ୟାରାଣୀ ଦାସ ଉପସ୍ଥିତ ରହି ଛାତ୍ରଛାତ୍ରୀ ମାନଙ୍କୁ ସଡ଼କ ସୁରକ୍ଷା ବିଷୟରେ ଅବଗତ କରାଇଥିଲେ। ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟର ତନୁଜା ପ୍ରଧାନ, ସୁଶୀଳା ନାୟକ, କିଶୋରମଣି ମିଶ୍ର, ଜୟକୁମାରୀ ସାହୁ, ଶ୍ରୀକାନ୍ତ ବିଶ୍ୱାଳ, ଗୀତାଞ୍ଜଳି ପ୍ରଧାନ ମଧ୍ୟ ପିଲାମାନଙ୍କୁ ସଡ଼କ ସୁରକ୍ଷା ଉପରେ ସଚେତନ କରିଥିଲେ। ଏଲ୍‌ଏନ୍‌ଟିର ରାସ୍ତା ସୁରକ୍ଷା ଅଧିକାରୀ ମନୋଜ କୁମାର ପଟ୍ଟନାୟକ ବିଭିନ୍ନ ଉଦାହରଣ ମାଧ୍ୟମରେ ଛାତ୍ରଛାତ୍ରୀ ମାନଙ୍କୁ ରାସ୍ତା ସୁରକ୍ଷା ବିଷୟରେ ଅବଗତ କରାଇଥିଲେ। ବେଦବ୍ୟାସ ବଢ଼େଇ, ଦେବାନନ୍ଦ, ସୁମନ୍ତ ଦଣ୍ଡସେନା, ଉଦ୍ଧବ ମିର୍ଦ୍ଧା ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।

### ଜଙ୍ଗଲ ନିଆଁ ନିରାକରଣ ଓ ସଚେତନତା ଅଭିଯାନ

## ନିଆଁ ଲଗାଇଲେ ହେବ ଦୃଢ଼ କାର୍ଯ୍ୟାନୁଷ୍ଠାନ

ନାକଟିଦେଉଳ, ୯।୨(ସମିସ)

ରେଢ଼ାଖୋଲ ବନଖଣ୍ଡ ଗିରିଶ୍ଚନ୍ଦ୍ରପୁର ବନାଞ୍ଚଳ ପକ୍ଷରୁ ଆଜି କାର୍ଯ୍ୟାଳୟ ପରିସରରେ ଜଙ୍ଗଲ ନିଆଁ ନିରାକରଣ ଓ ସଚେତନତା ଅଭିଯାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଗିରିଶ୍ଚନ୍ଦ୍ରପୁର ସେବାଶ୍ରମ ବିଦ୍ୟାଳୟର ଖେଳ ଶିକ୍ଷକ ପ୍ରକାଶ ପଣ୍ଡାଙ୍କ ପରିଚାଳନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସହକାରୀ ବନସଂରକ୍ଷକ ଅଶ୍ୱିନୀ କୁମାର ବେହେରା ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ସମାଜସେବୀ ତଥା ପୂର୍ବତନ ସରପଞ୍ଚ ରଘୁନାଥ ପ୍ରଧାନ ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିଲେ। ପୂର୍ବତନ ଜିଲ୍ଲାପରିଷଦ ସଦସ୍ୟ ବିପିନ ବିହାରୀ ପ୍ରଧାନ, ପାଣିମୋରା ସରପଞ୍ଚ ଜଗନ୍ନାଥ ସାହୁ, ଗିରିଶ୍ଚନ୍ଦ୍ରପୁର ସରପଞ୍ଚ ଶୁଭେନ୍ଦ୍ର ପ୍ରଧାନ, କିସିଣ୍ଡା ସମିତି ସଭ୍ୟା ଯାଜ୍ଞସେନୀ କୁଅଁର, କିସିଣ୍ଡା ଉଚ୍ଚମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷା ସୁଶ୍ରୀତା ଭୋଇ, କିସିଣ୍ଡା କେନ୍ଦୁପତ୍ର ବିଭାଗ ରେଞ୍ଜ ଅଧିକାରୀ ଦେବକୀ ପ୍ରଧାନ, ଗିରିଶ୍ଚନ୍ଦ୍ରପୁର ରେଞ୍ଜ ଅଧିକାରୀ ସୁରେନ୍ଦ୍ର ସାହୁ, ସେବାଶ୍ରମ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସଦାନନ୍ଦ ଭୋଇ ମଞ୍ଚାସୀନ ରହିଥିଲେ। ଅତିଥିଗଣ ଜଙ୍ଗଲର




ଉପକାରିତା ଉପରେ ଲୋକଙ୍କୁ ବୁଝାଇବା ସହ ନିଆଁ ଦାଉରୁ କିପରି ଜଙ୍ଗଲକୁ ସୁରକ୍ଷିତ ରଖାଯାଇ ପାରିବ ସେଥିପ୍ରତି ଦୃଷ୍ଟି ଦେବାକୁ କହିଥିଲେ। ଜଙ୍ଗଲରେ ନିଆଁ ଯେପରି ନ ଲାଗିବ ସେଥିପ୍ରତି ସମସ୍ତେ ସଚେତନ ହେବାସହ ଅନ୍ୟମାନଙ୍କୁ ସଚେତନ କରିବା ପାଇଁ ଅତିଥି ମାନେ ବାର୍ତ୍ତା ପ୍ରଦାନ କରିଥିଲେ। ତେବେ ଜଙ୍ଗଲରେ ନିଆଁ ଲଗାଉଥିବା ବ୍ୟକ୍ତି ଧରାପଡ଼ିଲେ ବିଭାଗ ପକ୍ଷରୁ ଜୋରିମାନା ସହ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ବିଭାଗୀୟ ଅଧିକାରୀମାନେ ଚେତାବନୀ ଦେଇଛନ୍ତି। କାର୍ଯ୍ୟକ୍ରମରେ ଫରେଷ୍ଟର ପ୍ରବୀଣ କୁମାର ସାହୁ, ତ୍ରିନାଥ ଭବସାଗର, ଅରୁଣ ବେହେରା, ଫରେଷ୍ଟଗାର୍ଡ ମନୋରଞ୍ଜନ ପ୍ରଧାନ, ଅନୀଲ ନାଏକ, କେନ୍ଦୁପତ୍ର ଫରେଷ୍ଟର ବଳରାମ ପ୍ରଧାନ, ସ୍ୱୟଂସହାୟିକା ଗୋଷ୍ଠୀ ସଦସ୍ୟାଙ୍କ ସହ ପାଣିମୋରା, ଗିରିଶ୍ଚନ୍ଦ୍ରପୁର, କିସିଣ୍ଡା ପଞ୍ଚାୟତର ବହୁ ଜନସାଧାରଣ ଉପସ୍ଥିତ ଥିଲେ।



# ଏବେ ବି ବେହାଲ୍; ଆଉ କେତେ ଦିନ ଏ ଶୋଚନୀୟ ଅବସ୍ଥା ?

ବରପାଲି, ୯।୨ (ସମିସ)

ବରପାଲି ସହରରେ ବେହାଲ୍ ବସଷ୍ଟାଣ୍ଡ ସହ ଉତ୍କଟ ଟ୍ରାଫିକ୍ ସମସ୍ୟା ନୂଆ ନୁହେଁ। ଏବେ ପରିବର୍ତ୍ତନଶୀଳ ସମାଜ ସହ ବିଭିନ୍ନ କାର୍ଯ୍ୟକ୍ରମ ତଥା ଅନୁଦାନ ଅନ୍ତର୍ଗତ ସହରକୁ ରୂପାନ୍ତରଣ କରାଯାଉଥିବା ବେଳେ ବରପାଲି ବସଷ୍ଟାଣ୍ଡର ଏପରି ଅବସ୍ଥା ଆଉ କେତେ ଦିନ ବୋଲି ସାଧାରଣରେ ପ୍ରଶ୍ନ ହେଲାଣି। ଏହି ବସଷ୍ଟାଣ୍ଡର ଉନ୍ନତି ନ ହେବା ପଛରେ କାରଣ କ'ଣ ତାକୁ ନେଇ ପ୍ରଶ୍ନ ହେଉଛି। ସ୍ଥାୟୀ ବସଷ୍ଟାଣ୍ଡ ସ୍ଥାପନ ଆଜି ପର୍ଯ୍ୟନ୍ତ ହୋଇ ପାରିଲାନାହିଁ। ବରପାଲି ସହର ଏକ ପ୍ରମୁଖ ବାଣିଜ୍ୟିକ ସହର ହେବା ବ୍ୟତୀତ ଗମନାଗମନର ଏକ ମୁଖ୍ୟ ସଂଯୋଗସ୍ଥଳୀ। ବଲାଙ୍ଗିର, ବରଗଡ଼ ତଥା ଜଗନ୍ନାଥ ଧାମ୍ ଓ ପଡ଼ୋଶୀ ଛତିଶଗଡ଼କୁ ଯିବା ପାଇଁ ଏକ ପ୍ରମୁଖ ସଂଯୋଗସ୍ଥଳୀ ଭାବେ ରହିଆସିଛି। ଏପରି ସ୍ଥିତିରେ ବସଷ୍ଟାଣ୍ଡ ଅପନ୍ତରିଆ ଭାବେ ପଡ଼ି ରହିଛି। ଏହାର ବିକାଶ ହୋଇପାରୁ ନାହିଁ। ଏକ ଅସ୍ଥାୟୀ ଷ୍ଟାଣ୍ଡ ବର୍ଷ ବର୍ଷ ଧରି ଯାତ୍ରୀ ଓ ବସ କର୍ମଚାରୀଙ୍କୁ ଯନ୍ତ୍ରଣା ଦେଇ ଆସୁଛି। ଯାହାକୁ ନେଇ, ବିଶେଷକରି ସାଧାରଣ ଯାତ୍ରୀଙ୍କ ମଧ୍ୟରେ ଅସନ୍ତୋଷର ଦାନା ବାନ୍ଧି ବସିଛି।

ଯାତ୍ରୀ ଆଶ୍ରୟସ୍ଥଳୀର ଅଭାବରୁ ସାଧାରଣ ଜନତାଙ୍କୁ ଘୋର ଅସୁବିଧା ଭୋଗୁଥିବା ବେଳେ ବୟସ୍କମାନେ ରାସ୍ତକଡରେ ବସି ବସ ଅପେକ୍ଷାରେ ରହୁଥିବା ଦେଖାଯାଉଛି। ପ୍ରତିଦିନ ୨୬ ନମ୍ବର ଜାତୀୟ ରାଜପଥ ହେଉ ଅବା ସୋହେଲା-ପୁରୀ ଜଗନ୍ନାଥ ଧାମ୍ ରାଜ୍ୟ ରାଜପଥରେ ଶହ ଶହ ସରକାରୀ ଓ ବେସରକାରୀ ବସ୍, ଟ୍ରକ ସହ ବିଭିନ୍ନ ଯାତ୍ରୀ ଓ ମାଲ ବୋଝେଇ ଯାନମାନ ଯାତାୟାତ ହୋଇଥାଏ। ବର୍ତ୍ତମାନର ଅସ୍ଥାୟୀ ବସଷ୍ଟାଣ୍ଡ ଅଞ୍ଚଳରେ ପ୍ରତୀକ୍ଷାଳୟ କିମ୍ବା ଶୌଚାଳୟଟିଏ ନଥିବାରୁ ଲୋକେ ବହୁ ଅସୁବିଧାର ସମ୍ମୁଖୀନ ହୋଇଥାନ୍ତି। ରାସ୍ତାରେ ଛୋଟବଡ ଗାଡ଼ିମାନ ଅନବରତ ଆତଯାତ ହେଉଥିବା ବେଳେ ବାଇକ ଓ ସାଇକଲ ଆରୋହୀଙ୍କ ଭିଡ଼ ମଧ୍ୟ ସଦାବରତ ବୃଦ୍ଧି ପାଇଥାଏ। ବରପାଲି ଏନଏସି ସ୍ଥାପନକୁ ୫୦ ବର୍ଷରୁ ଅଧିକ ସମୟ ବହୁ ଦିନରୁ ଅତିକ୍ରମ କରିଥିଲେ ସୁଦ୍ଧା ସ୍ଥାୟୀ ବସଷ୍ଟାଣ୍ଡଟିଏ ସ୍ଥାପନ କିମ୍ବା ଯାତ୍ରୀଙ୍କ ସୁବିଧା ଦୃଷ୍ଟିରୁ ପ୍ରତୀକ୍ଷାଳୟ ଓ ଶୌଚାଳୟ ବ୍ୟବସ୍ଥା ହୋଇପାରିନାହିଁ; ସତେ ଯେପରି ଏହି ସହର ତଥା ଏନ୍‌ଏସି ଗ୍ରାମାଞ୍ଚଳ ବ୍ୟବସ୍ଥାରେ ପରିଚାଳିତ ହେଉଛି।



ବରପାଲି ବସ୍‌ଷ୍ଟାଣ୍ଡର ଏବର ଦୁରବସ୍ଥା

ବସଷ୍ଟାଣ୍ଡରେ ଅପେକ୍ଷାରତ ମହିଳା ଓ ଛାତ୍ରଛାତ୍ରୀମାନେ ଦୁର୍ଦ୍ଦଶାର ଶିକାର ହେଉଛନ୍ତି। ବାହାରୁ ବରପାଲିକୁ ଆସୁଥିବା ମହିଳା ଓ ଯୁବତୀ ଯାତ୍ରୀଙ୍କ ଦୁଃଖ ନକହିବା ଭଲ। ପ୍ରତୀକ୍ଷାଳୟ ନିର୍ମାଣ ଜରୁରୀ ହୋଇଥିଲେ ସୁଦ୍ଧା ସେଭଳି କୌଣସି ସୁବିଧାଜନକ ବ୍ୟବସ୍ଥା ଏବଂ ଆଖିଦୃଶିଆ ପଦକ୍ଷେପ ଗ୍ରହଣ ହେଉ ନଥିବାରୁ ବୁଦ୍ଧିଜୀବୀ ମହଲରେ ପ୍ରତିକ୍ରିୟା ପ୍ରକାଶ ପାଉଛି। ପୂର୍ବରୁ ବିଭିନ୍ନ ଅନୁଷ୍ଠାନ ସଂଘ ଓ ପ୍ରତିଷ୍ଠାନ ପକ୍ଷରୁ ଜିଲ୍ଲା ପ୍ରଶାସନ ନିକଟରେ ସ୍ଥାୟୀ ବସଷ୍ଟାଣ୍ଡ ପାଇଁ ବହୁବାର ଦାବି କରାଯାଇଛି। ସମସ୍ୟାର ସ୍ଥାୟୀ ସମାଧାନ ଦିଗରେ ଜିଲ୍ଲା ପ୍ରଶାସନ ଉଚିତ ପଦକ୍ଷେପ ଗ୍ରହଣ କରିବାକୁ ବୁଦ୍ଧିଜୀବୀ ମହଲରେ ଦାବି ହେଉଛି।

## ବିଡିଓଙ୍କୁ ଘେରିଲା ବ୍ଲକ୍ ସମିତିସଭ୍ୟ ସଂଘ

**ବରପାଲି, ୯।୨ (ସମିସ):** ବରପାଲି ବ୍ଲକ ସମିତିସଭ୍ୟ ସଂଘର ସଭ୍ୟସଭ୍ୟାମାନେ ବ୍ଲକ ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କୁ ନିଜର ଅସନ୍ତୋଷ ଭାବ ପ୍ରକଟ ସହ ସମାଧାନ ଦିଗରେ ନିଜ ଦାବି ଉଠାଇଛନ୍ତି। ଏନେଇ ଶୁକ୍ରବାର ପୂର୍ବାହ୍ନରେ ସଂଘ ପକ୍ଷରୁ ଘେରଉ କରାଯିବା ସହ ବ୍ଲକ ପରିସରରେ ସଭାପତି ନାରାୟଣ ପଧାନଙ୍କ ସଭାପତିତ୍ୱରେ ଏକ ବୈଠକ ହୋଇଥିଲା। ବିଭାଗୀୟ କର୍ମଚାରୀଙ୍କ ଅଣଶୁଣା ଭାବ ଉପରେ ଆଲୋଚନା ହୋଇଥିଲା। ବ୍ଲକ ଅଧ୍ୟକ୍ଷା ରିନା ଥଇତଙ୍କ ସମେତ ସଂଘ ସଭାପତି ନାରାୟଣ ପଧାନ, ସମ୍ପାଦକ ରେଣୁକା ଡୁଁଏନା, ସହସମ୍ପାଦକ ଶାନ୍ତି ନାଏକ, ଅନି ଭୁଏ, ଚତୁରି ମେହେର, କ୍ଷୀରବତି ଭୁଏ, ଉପସଭାପତି ଜାମିନୀ ପଧାନ ଓ ଉପେନ୍ଦ୍ର ବାଗ, କୋଷାଧ୍ୟକ୍ଷ ଚମ୍ପା ସାହୁ, ଉପଦେଷ୍ଟା ଗୋକୁଲ ପଧାନ, ତ୍ରିଲୋଚନ ମେହେର, ଅଚ୍ୟୁତାନନ୍ଦ ନାଏକ, ମାନ ସେଠ, ଯୋଜନା ମଟାରୀ, ବିମଳା ବିଶି, ସୁଶିଲ ନାଗ ଓ ଜୟଲକ୍ଷ୍ମୀ ବେହେରା ପ୍ରମୁଖ ଆଲୋଚନାରେ ଭାଗ ନେଇଥିଲେ। ପରେ ମିଳିତ ଭାବେ ବିଡିଓ ପ୍ରସନ୍ନ ପାଣ୍ଡେଙ୍କୁ ଦାବିପତ୍ର ମାଧ୍ୟମରେ ଉଚିତ କାର୍ଯ୍ୟାନୁଷ୍ଠାନ ଦିଗରେ ପଦକ୍ଷେପ ଗ୍ରହଣ ପାଇଁ ଗୁରୁତ୍ୱାରୋପ କରାଯାଇଥିଲା। ଏହା ଉପରେ ପରିବର୍ତ୍ତନ ନ ହେଲେ ଆଗାମୀ ଦିନରେ ସଂଘ ଆନ୍ଦୋଳନାତ୍ମକ ପଦକ୍ଷେପ ଗ୍ରହଣ କରିବାକୁ ବାଧ୍ୟହେବ ବୋଲି ଚେତାବନୀ ଦିଆଯାଇଛି।




## ପାଣିରେ ବୁଡ଼ି ଯୁବକ ମୃତ

**ଦହିତା, ୯।୨(ସମିସ):** ରାଜବୋଡାସମ୍ବର ବ୍ଲକ ଅନ୍ତର୍ଗତ ବୁଡାମାଲ ଗ୍ରାମର କୌଶିକ ବାଗ (୫୬) ପୋଖରୀରେ ବୁଡି ପ୍ରାଣ ହରାଇଛନ୍ତି। ତାଙ୍କର ଚାରିଟି ସନ୍ତାନ ଥିବା ବେଳେ ଦୁଇ ଝିଅର ବାହାଘର ସାରିଛନ୍ତି। ଦୁଇଟି ପୁତ୍ର ଅବିବାହିତ ଓ ବର୍ତ୍ତମାନ ବିଧବା ସ୍ତ୍ରୀ ଅଛନ୍ତି। ପରିବାର ନିରୀହ ଅଟନ୍ତି ଏବଂ କୌଶିକ ଚାଲିଗଲା ପରେ ପରିବାରବର୍ଗ ସମ୍ପୂର୍ଣ୍ଣ ଭାବେ ଭାଙ୍ଗି ପଡିଛନ୍ତି। ଶୁଦ୍ଧିକ୍ରିୟା କରିବାକୁ ମଧ୍ୟ ସମ୍ବଳ ନାହିଁ। ତେବେ ପ୍ରଶାସନ ପରିବାର ବର୍ଗଙ୍କୁ ଆର୍ଥିକ ସହାୟତା ଯୋଗାଇ ଦେବାକୁ ଗାଁରେ ଦାବି ହେଉଛି।

## ବରପାଲି ମହାବିଦ୍ୟାଳୟରେ ଅର୍ଥନୀତି ସମ୍ମାନ

**ବରପାଲି, ୯।୨(ସମିସ):** ବରପାଲି ମହାବିଦ୍ୟାଳୟ ଅର୍ଥନୀତି ବିଭାଗ ପକ୍ଷରୁ 'ଭାରତୀୟ ଅର୍ଥବ୍ୟବସ୍ଥାରେ ଗ୍ରାମ୍ୟ ଋଣର ଉତ୍ସ ଓ ପ୍ରକାର' ବିଷୟ ଉପରେ ଏକ ଆଲୋଚନାଚକ୍ର ଆୟୋଜିତ ହୋଇଯାଇଛି। ମହାବିଦ୍ୟାଳୟ ଅଧ୍ୟକ୍ଷ ସୁଶୀଲ ଶତପଥୀଙ୍କ ଅଧ୍ୟକ୍ଷତାରେ ପରିଚାଳିତ କାର୍ଯ୍ୟକ୍ରମରେ ଅର୍ଥନୀତି ବିଭାଗ ମୁଖ୍ୟ ଅଧ୍ୟାପକ ଭକ୍ତବନ୍ଧୁ ପ୍ରଧାନ ସଂଯୋଜନା କରିଥିଲେ। ମୁଖ୍ୟବକ୍ତା ଭାବେ ପବିତ୍ର ମାହାନ, ଅଧ୍ୟାପକ ଲରମ୍ଭା ମହାବିଦ୍ୟାଳୟ ଯୋଗ ଦେଇଥିଲେ। ମୁଖ୍ୟଅତିଥି ଭାବରେ ଓଡ଼ିଶା ମୁକ୍ତ ବିଶ୍ୱବିଦ୍ୟାଳୟ ଶୈକ୍ଷିକ ପରାମର୍ଶଦାତା ଡ. ଆଶିଷ ଦାଶ ଯୋଗ ଦେଇଥିଲେ। ଅଧ୍ୟାପକ ଡ. ପାରେଶ୍ୱର ସାହୁ, ଅଧ୍ୟାପିକା ସୀମାଞ୍ଜଳି ଦାସ ଯୋଗ ଦେଇଥିଲେ। ଛାତ୍ରୀ ଦୀପ୍ତିମୟୀ ମେହେର, ଲକ୍ଷ୍ମୀପ୍ରିୟା ନାୟକ ଓ ଦୀପ ତାଣ୍ଡି ପ୍ରାରମ୍ଭିକ ସଙ୍ଗୀତ ଗାନ କରିଥିବା ବେଳେ ଉଦଘୋଷକ ଭାବରେ ଛାତ୍ର ଚନ୍ଦ୍ରକାନ୍ତ ବରିହା, ନିପନ୍ ବାରିକ, ଶିବାଶିଷ ବିଶ୍ୱାଳ, ଛାତ୍ରୀ କାଜଲ ସାହୁ, ଅଙ୍କିତା ସାହୁ, ମିନି ଚୌଧୁରୀ ପ୍ରମୁଖ ସ୍ୱରଚିତ ପ୍ରବନ୍ଧ ମାନ ପାଠ କରିଥିଲେ। ଛାତ୍ର ନିହାର ରଞ୍ଜନ ହୋତା ଧନ୍ୟବାଦ ଅର୍ପଣ କରିଥିଲେ।

## ରାସ୍ତା ଶୋଚନୀୟ; ମରାମତି ପାଇଁ ବିଡିଓଙ୍କୁ ଦାବିପତ୍ର

**ଅତାବିରା, ୯।୨(ସମିସ):** ଅତାବିରା ବ୍ଲକ କାର୍ଯ୍ୟାଳୟରେ ବ୍ଲକ ଉନ୍ନୟନ ଅଧିକାରୀ ସୂର୍ଯ୍ୟକୁମାର ନାଏକଙ୍କୁ ଭେଟି ସାମାଜିକ କର୍ମୀ ସୁରେନ୍ଦ୍ର କଠାର ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ଉଲ୍ଲେଖ କରିଛନ୍ତି ଯେ ଅତାବିରା ବ୍ଲକ ବୁଗବୁଗା ପଞ୍ଚାୟତର ଜାମଟିକ୍ରା ଅଙ୍ଗନବାଡି କେନ୍ଦ୍ରରୁ ସହଁରାପଡାକୁ ସଂଯୋଗ କରୁଥିବା ମାଟି ରାସ୍ତା ଅତି ଶୋଚନୀୟ ହୋଇପଡ଼ିଛି। ଏହି ରାସ୍ତା ଦେଇ ପ୍ରତ୍ୟେକ ଦିନ ଛାତ୍ରଛାତ୍ରୀ ବିଦ୍ୟାଳୟ କଲେଜକୁ ଯାଉଛନ୍ତି କିନ୍ତୁ ରାସ୍ତା ମରାମତି ହୋଇପାରିନାହିଁ। ସେହିପରି ବୁଗବୁଗା ପଞ୍ଚାୟତର ଜାମଟିକ୍ରାରୁ ବୁଗବୁଗା ସଂଯୋଗ କରୁଥିବା ରାସ୍ତା, କୁଲୁଣ୍ଡା ପଞ୍ଚାୟତର କୁଲୁଣ୍ଡାରୁ ଜାମଟିକ୍ରା ସଂଯୋଗ କରୁଥିବା ରାସ୍ତା, ପଲସାପାଲି ଗ୍ରାମରୁ ଜାମଟିକ୍ରାକୁ ସଂଯୋଗ କରୁଥିବା ମାଟି ରାସ୍ତା ମରାମତି ଦିଗରେ ଯୁଦ୍ଧକାଳୀନ ପଦକ୍ଷେପ ଗ୍ରହଣ କରିବାକୁ ଦାବି କରାଯାଇଛି।

### ପ୍ରାଣୀ ଚିକିତ୍ସକଙ୍କ ଆନ୍ଦୋଳନର ପ୍ରଭାବ

## ଚିକିତ୍ସା ଅଭାବରୁ ପ୍ରାଣୀଧନ ନଷ୍ଟ ହେଉଛନ୍ତି; ଚିନ୍ତାରେ ଋଣୀ ଚାଷୀ

**ପଦ୍ମପୁର, ୯।୨ (ସମିସ):** ରାଜ୍ୟରେ ପ୍ରାଣୀଧନ ଚିକିତ୍ସାଳୟର କର୍ମଚାରୀମାନେ ଆନ୍ଦୋଳନରତ ଥିବାବେଳେ ପଦ୍ମପୁର ଉପଖଣ୍ଡରେ ଏହାର ପ୍ରଭାବ ଗୁରୁତର ଭାବେ ପ୍ରାଣୀ ସମ୍ପଦ ଉପରେ ପଡୁଛି। ଆବଶ୍ୟକ ଚିକିତ୍ସା ହୋଇପାରୁ ନାହିଁ। ଫଳରେ ଗାଇ ଗୋରୁ, ଛେଳି ମେଣ୍ଢା, କୁକୁଡା, ବତକ, ଘୁଷୁରି ଓ ଅନ୍ୟାନ୍ୟ ପଶୁପକ୍ଷୀ ନଷ୍ଟ ହେଉଛନ୍ତି। ଏପରି ବହୁ ସଂଖ୍ୟାରେ ଋଣଗ୍ରସ୍ତ ଚାଷୀ ଅଭିଯୋଗ କରିଛନ୍ତି। ବିଭିନ୍ନ ପଶୁ ପାଳନ ତଥା ଚାଷ କରି ଚାଷୀ ନିଜର ଜିବୀକା ନିର୍ବାହ କରୁଛନ୍ତି। ୨୨ ଦିନ ଧରି ସମସ୍ତ ପ୍ରାଣୀ ଚିକିତ୍ସାଳୟର କର୍ମଚାରୀ ଆନ୍ଦୋଳନରେ ସାମିଲ ଥିବାରୁ ପ୍ରାଣୀ ଚିକିତ୍ସା ବନ୍ଦ ରହିଛି। ଉପଯୁକ୍ତ ସମୟରେ ଚିକିତ୍ସା ସେବା ପାଇ ନ ପାରି ବିଭିନ୍ନ ରୋଗରେ ଆକ୍ରାନ୍ତ ହୋଇ ପଶୁମୃତ୍ୟୁ ହେଉଛି। କେତେକ ସ୍ଥାନରେ ସ୍ୱୟଂ ସହାୟକ ଗୋଷ୍ଠୀ ମହିଳାମାନେ ପଶୁ ସଂପଦ ବିଭାଗରୁ ଚାଷ କରିବା ପାଇଁ ବ୍ୟାଙ୍କରୁ ଋଣ ଆଣି କୁକୁଡା, ଛେଳି ଫାର୍ମ ଆଦି କରିଛନ୍ତି। କୌଣସି ରୋଗରେ ଆକ୍ରାନ୍ତ ହୋଇ ଉପଯୁକ୍ତ ଚିକିତ୍ସା ନ ପାଇ ମୃତ୍ୟୁ ହେଲେ, କାହା ତତ୍ତ୍ୱାବଧାନରେ ସବସିଡି, ଇନସୁରେନ୍ସ ପାଇବେ ତାକୁ ନେଇ ସନ୍ଦୀହାନ ଥିବା ବେଳେ ଋଣ ସୁଝିବା ଅସୁବିଧା ହେବ ଭାବି ଶୁକ୍ରବାର ପଦ୍ମପୁର ଉପଜିଲ୍ଲାପାଳଙ୍କୁ ଭେଟି ଅଭିଯୋଗ କରିଛନ୍ତି। ଖୁବ ଶୀଘ୍ର ସମସ୍ୟାର ସମାଧାନ ହେବ ବୋଲି ଉକ୍ତ ମହିଳା ଚାଷୀଙ୍କୁ ପ୍ରତିଶ୍ରୁତି ଦିଆଯାଇଛି।



## ବାଦିବାହାଲ ଓ ଡୁଡକିଝରିଆରେ ପୁଲିସର ଜନସମ୍ପର୍କ

**ପାଇକମାଲ, ୯।୨ (ସମିସ):** ପାଇକମାଲ ପୁଲିସ ପକ୍ଷରୁ ପାଇକମାଲ ବ୍ଲକ ବାଦିବାହାଲ ଓ ଡୁଡକିଝରିଆ ଗ୍ରାମରେ ଜନସଂପର୍କ ଶିବିର ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ବାଦିବାହାଲ ଗ୍ରାମରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ବରଗଡ଼ ଆରକ୍ଷୀ ଅଧୀକ୍ଷକ ପ୍ରହଲ୍ଲାଦ ସହାଇ ମୀନା, ସମ୍ମାନିତ ଅତିଥି ଭାବେ ପଦ୍ମପୁର ଉପଖଣ୍ଡ ଆରକ୍ଷୀ ଅଧୀକ୍ଷକ ବିଭୂତି ଭୂଷଣ ଭୋଇ, ପାଇକମାଲ ଥାନାଧିକାରୀ ସୁଶାନ୍ତ ବଢେଇ, ବରତୁଣ୍ଡା ସରପଞ୍ଚ ରିତା ସୁନା ଓ ସମିତିସଭ୍ୟ ରାଇଜ ମହମ୍ମଦ ପ୍ରମୁଖ ଯୋଗ ଦେଇଥିଲେ। ଡୁଡକିଝରିଆ ଗ୍ରାମରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବରଗଡ଼ ଏସ୍‌ପିଙ୍କ ସହ ପଦ୍ମପୁର ଏସଡିପିଓ, ପାଇକମାଲ ଥାନା ଏସଆଇ ପଞ୍ଚାନନ ଖୁଆସ, ରିଜର୍ଭ ପୁଲିସ ଇନ୍ସପେକ୍ଟର ଶାନ୍ତନୁ ପ୍ରଧାନୀ ଓ ଜାମସେଠ ସରପଞ୍ଚ ଆର୍ତ୍ତତ୍ରାଣ ସାହୁ ପ୍ରମୁଖ ଯୋଗ ଦେଇଥିଲେ। ଅତିଥିମାନେ ଗରିବ ଶ୍ରେଣୀର ଲୋକେ ସୁସମ୍ପର୍କ ଏବଂ ଉଚିତ ଜନସମ୍ପର୍କ ମାଧ୍ୟମରେ ଉପକୃତ ହେଉଥିବା ନେଇ ମତ ବ୍ୟକ୍ତ କରିଥିଲେ। ଏହି ଅବସରରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ସହ ମହିଳା, ପୁରୁଷ, ଖେଳାଳି, ଛାତ୍ରଛାତ୍ରୀ, ଗରିବ ହିତାଧିକାରୀଙ୍କୁ ବିଭିନ୍ନ ସହାୟତା ସାମଗ୍ରୀ ବଣ୍ଟନ କରାଯାଇଥିଲା। ବହୁ ସଂଖ୍ୟାରେ ଅଞ୍ଚଳବାସୀ ଯୋଗ ଦେଇଥିଲେ।



## ଗୁଦେରପାଲି ମହାବିଦ୍ୟାଳୟରେ ବିଦାୟ ସମ୍ବର୍ଦ୍ଧନା

**ଗୁଦେରପାଲି, ୯।୨(ସମିସ):** ଗାଇସିଲେଟ ବ୍ଲକ ଅନ୍ତର୍ଗତ ଗୁଦେରପାଲି ଯୁକ୍ତ ଦୁଇ କଳା ମହାବିଦ୍ୟାଳୟରେ ଅଧ୍ୟକ୍ଷ ପ୍ରୀତିଶ ପଣ୍ଡାଙ୍କ ଅଧ୍ୟକ୍ଷତାରେ ବିଦାୟକାଳୀନ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି। ପ୍ରଥମ ବର୍ଷର ଛାତ୍ରଛାତ୍ରୀ ଦ୍ୱିତୀୟ ବର୍ଷର ଛାତ୍ରଛାତ୍ରୀଙ୍କୁ ବିଦାୟ ସମ୍ବର୍ଦ୍ଧନା ଜଣାଇଥିଲେ। ଅଧ୍ୟାପକ ନରେନ୍ଦ୍ର ଦେହୁରୀ ସଭା ପରିଚାଳନା କରିଥିବାବେଳେ ସ୍ଥାନୀୟ ସରପଞ୍ଚ ରାମଚନ୍ଦ୍ର ପାତ୍ର ମୁଖ୍ୟଅତିଥି, ଚାଷୀନେତା କିଶୋରଚନ୍ଦ୍ର ଦେବତା ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିଲେ। ପରିଚାଳନା କମିଟିର ସଭାପତି କିଶୋର ପାତ୍ର, ମୁକେଶ ମୁରାରୀ କେଡିଆ ଓ ଅଧ୍ୟାପିକା ଲୋପାମୁଦ୍ରା ପ୍ରଧାନ ଅନ୍ୟତମ ଅତିଥି ଥିଲେ। ସମସ୍ତ କର୍ମଚାରୀ ସହଯୋଗ କରିଥିଲେ। ଛାତ୍ରଛାତ୍ରୀଙ୍କୁ ପୁରସ୍କାର ପ୍ରଦାନ ପରେ ପ୍ରଥମ ବର୍ଷର ଛାତ୍ରଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।




## ବରିଷ୍ଠ ରାମାୟଣ ପ୍ରବକ୍ତାଙ୍କ ପରଲୋକ

**ବରପାଲି, ୯।୨(ସମିସ):** ବରପାଲିର ବରିଷ୍ଠ ରାମାୟଣ ପ୍ରବକ୍ତା ଇ. ଯୁଧିଷ୍ଠିର ମହନ୍ତଙ୍କ ୮୯ବର୍ଷ ବୟସରେ ପରଲୋକ ହୋଇଯାଇଛି। ମହନ୍ତ ବାବୁଙ୍କ ବୟସାଧିକ କାରଣରୁ ଦେହାନ୍ତ ହୋଇଥିଲା। ଆତ୍ମୀୟତା ଓ ଆତ୍ମିକ ଭାବକୁ ନେଇ ସେ ସମସ୍ତଙ୍କର ପ୍ରିୟ ହେବା ସହ ବେଶ ଜଣାଶୁଣା ଭାବରେ ଖ୍ୟାତି ରହିଥିଲା। ଅଞ୍ଚଳର ବିଭିନ୍ନ ସାମାଜିକ, ସାଂସ୍କୃତିକ ଓ ଅନୁଷ୍ଠାନରେ ସାମିଲ ହୋଇ ସବୁ ଶ୍ରେଣୀର ଲୋକଙ୍କ ବେଶ ନିକଟତର ହୋଇ ପାରିଥିଲେ।



ଅନ୍ତିମ ମୁହୂର୍ତ୍ତରେ ପରିବାର ବର୍ଗଙ୍କ ସହ ଆତ୍ମୀୟ ସ୍ୱଜନ ବନ୍ଧୁବାନ୍ଧବ ଓ ଉପସ୍ଥିତ ଥିଲେ। ତାଙ୍କ ବିୟୋଗରେ ଅଞ୍ଚଳର ଧାର୍ମିକ ଅନୁଷ୍ଠାନ ଓ ବୁଦ୍ଧିଜୀବୀ ମହଲକୁ ଦାରୁଣ ଆଘାତ ଦେବା ସହ ବିଷାଦର ଛାୟା ଖେଳାଇ ଦେଇଛି।

## ସ୍ଥାୟୀ ଲୋକ ଅଦାଲତ ସମ୍ବନ୍ଧୀୟ ଆଇନ ସଚେତନତା

**ବରଗଡ଼, ୯।୨(ସମିସ):** ବରଗଡ଼ ଆଇନ କଲେଜ ଆନୁକୂଲ୍ୟରେ ସ୍ଥାୟୀ ଲୋକ ଅଦାଲତ ସମ୍ବନ୍ଧୀୟ ବିଭିନ୍ନ ଯୋଜନା ଏବଂ ଉପକାରିତା ସମ୍ପର୍କରେ ଏକ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ବରଗଡ଼ ଜିଲ୍ଲା ଆଇନ ସେବା ପ୍ରାଧିକରଣର ସଚିବ କମଳାକାନ୍ତ ରାଉତଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଶିବିରରେ ଅତିରିକ୍ତ ପୁଲିସ ଅଧିକାରୀ ନିବେଦିତା ସୋରେନ, ବରଗଡ଼ ଆଇନ କଲେଜ ଅଧ୍ୟକ୍ଷ କିଶୋର ମହାପାତ୍ର, ପ୍ୟାନେଲ୍ ଓକିଲ କିରଣ ମିଶ୍ର ସ୍ଥାୟୀ ଲୋକ ଅଦାଲତ ଉପରେ ଆଧାରିତ ବିଭିନ୍ନ ଯୋଜନା ଏବଂ ଉପକାରିତା ବିଷୟରେ ଉପସ୍ଥିତ ଛାତ୍ରଛାତ୍ରୀଙ୍କୁ ଅବଗତ କରାଇଥିଲେ।



## ଖରମୁଣ୍ଡାରେ ସମ୍ବର୍ଦ୍ଧନା ସମାରୋହ

**ବିଜେପୁର, ୯।୨(ସମିସ):** ବିଜେପୁର ଗୋଷ୍ଠୀ ଶିକ୍ଷା କାର୍ଯ୍ୟାଳୟ ଅନ୍ତର୍ଗତ ଖରମୁଣ୍ଡା ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ଲାଭ କରିଛି। ଫଳରେ ସ୍କୁଲ ପରିଚାଳନା କମିଟି ପକ୍ଷରୁ ଏକ ସମ୍ବର୍ଦ୍ଧନା ସମାରୋହ ଅନୁଷ୍ଠିତ ହୋଇଥିଲା। ବିଦ୍ୟାଳୟ ପରିଚାଳନା କମିଟିର ଅଧ୍ୟକ୍ଷ ପ୍ରହଲ୍ଲାଦ ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ବିଦ୍ୟାଳୟର ପ୍ରାକ୍ତନ ପ୍ରଧାନଶିକ୍ଷକ ଆନନ୍ଦଚନ୍ଦ୍ର ସାହୁ ମୁଖ୍ୟଅତିଥି ଏବଂ ବୃନ୍ଦାବନ ତ୍ରିପାଠୀ, ସାନନ୍ଦ ଭୁଏ, ମନୋରଞ୍ଜନ ବାଗ, ସେବତୀ ମେହେର ପ୍ରମୁଖ ମଞ୍ଚାସୀନ ଥିଲେ। ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ ବିଦ୍ୟାଳୟ ପରିଚାଳନା କମିଟି ପକ୍ଷରୁ ଉଚ୍ଛ୍ୱସିତ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା। ସହକାରୀ ଶିକ୍ଷକ ସହଦେବ ସାହୁ ଅତିଥି ପରିଚୟ ପ୍ରଦାନ କରିଥିଲେ। ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ଧର୍ମରାଜ ମଲ୍ଲିକ ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ସ୍କୁଲ ପରିଚାଳନା କମିଟିର ସଦସ୍ୟମାନେ ସହଯୋଗ କରିଥିଲେ।

## ନାଗେଶ୍ୱର ପାଣି ପଞ୍ଚାୟତ କମିଟି ଗଠିତ

**ଦହିତା, ୯।୨ (ସମିସ):** ପଦ୍ମପୁର ବ୍ଲକ ଅନ୍ତର୍ଗତ ବନ୍ଦେଶ୍ୱରୀ ନାଳା କ୍ଷୁଦ୍ର ଜଳସେଚନ ପ୍ରକଳ୍ପ-୩ର ପାଣିପଞ୍ଚାୟତ କମିଟି ଗଠନ କରାଯାଇଛି। ଦର୍ଲିଗୁଡା, ତେନ୍ତୁଲିଖୁଣ୍ଟି, ଓ ବାନ୍ଧୁପାଲି ସେଚାଞ୍ଚଳ ଚାଷୀଙ୍କୁ ନେଇ ତେନ୍ତୁଲିଖୁଣ୍ଟି ଗ୍ରାମର କ୍ଲବ ଘରଠାରେ ପଦ୍ମପୁର କ୍ଷୁଦ୍ର ଜଳସେଚନ ବିଭାଗର ଅଧିକାରୀଙ୍କ ଉପସ୍ଥିତିରେ ଏକ ସାଧାରଣ ସଭାରେ ତିନୋଟି ଗ୍ରାମର ସଭ୍ୟ ଉପସ୍ଥିତ ଥିଲେ। ନାଗେଶ୍ୱର ପାଣି ପଞ୍ଚାୟତ ପାଇଁ ନିର୍ବାହୀ କମିଟି ଗଠନ କାଯିବା ସହ ପ୍ରସ୍ତାବକ ଓ ସମର୍ଥକ ଦ୍ୱାରା ସଭାପତି ଶୁଭେନ୍ଦୁ ସାମଲ, ସଂପାଦକ କିଶୋରଚନ୍ଦ୍ର ଦାଶ ଓ କୋଷାଧ୍ୟକ୍ଷ ଭାବରେ ରୋହିତ ସାହୁଙ୍କୁ ମନୋନୀତ କରାଯାଇଛି। ବିଭାଗୀୟ ସହକାରୀ ଯନ୍ତ୍ରୀ କଳ୍ପନା ପ୍ରଧାନ ବିଭିନ୍ନ ପ୍ରାସଂଗିକ ଆଲୋଚନା କରିଥିଲେ। ନୂତନ ପଦାଧିକାରୀମାନେ ସେଚାଞ୍ଚଳ କୃଷକଙ୍କ ଜୀବନଜୀବିକାର ଉନ୍ନତି ପାଇଁ ଜଳ ସଂପଦର ସୁପରିଚାଳନା ଏବଂ ସୁବିନିଯୋଗ କରିବାକୁ ସମସ୍ତ ଚାଷୀ ଏକ ହୋଇ କାମ କରିବା ଆବଶ୍ୟକ ବୋଲି ମତ ଦେଇଥିଲେ। ପାଣି ପଞ୍ଚାୟତର ସମସ୍ତ ସଭ୍ୟଙ୍କୁ ଯନ୍ତ୍ରୀ କଳ୍ପନା ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ।



### ଭେଡେନ ନବରାତ୍ର ଅଖଣ୍ଡ ଶ୍ରୀହରି ନାମଯଜ୍ଞ ଓ ବିରାଟ ରାମଲୀଳା

# ଅଷ୍ଟମ ସନ୍ଧ୍ୟାର ସମର: ତରଣୀସେନ, କୁମ୍ଭକର୍ଣ୍ଣ ନିହତ

ଭେଡେନ, ୯।୨(ସମିସ)

ଭେଡେନସ୍ଥିତ ବାବା ସିଦ୍ଧେଶ୍ୱର ମନ୍ଦିର ପ୍ରାଙ୍ଗଣରେ ନବରାତ୍ର ଅଖଣ୍ଡ ଶ୍ରୀହରି ନାମଯଜ୍ଞରେ ଦିନରାତି ଚାଲିଛି ହରିନାମ ଜପ। ଭେଡେନ ଅଞ୍ଚଳ ପାଲଟିଛି ଲଙ୍କାନାଗରୀ। ଏହାର ମହାରାଜା ହେଉଛନ୍ତି ଦଶାନନ ରାବଣ। ଶୁକ୍ରବାର ଅଷ୍ଟମ ସନ୍ଧ୍ୟାରେ ଅଭିନୀତ ହୋଇଛି ରାମାୟଣ ଲଙ୍କାକାଣ୍ଡର କଥାବସ୍ତୁ। ସେତୁବନ୍ଧ ପ୍ରତିଷ୍ଠା ପରେ ବାନରସେନା ସହ ଲଙ୍କାରେ ପ୍ରବେଶ କରିଛନ୍ତି ରାମ-ଲକ୍ଷ୍ମଣ। ଶ୍ରୀରାମ ଶାନ୍ତିଦୂତ ଭାବେ ଅଙ୍ଗଦକୁ ପ୍ରେରଣ କରିଛନ୍ତି ରାବଣ ଦରବାରକୁ। ଦୂତକୁ ଉପଯୁକ୍ତ ମାନ୍ୟ ନ ମିଳିବାରୁ ଚେତାବନୀ ଦେଇ ଅଙ୍ଗଦ ଫେରି ଆସିବା ପରେ ରାମ କରିଛନ୍ତି ସମର ଘୋଷଣା। ଯୁଦ୍ଧରେ ରାବଣର ଅନେକ ସୈନ୍ୟ ଓ ଯୋଦ୍ଧା ମୃତ୍ୟୁବରଣ କରିଛନ୍ତି। ଏହାଜାଣି ରାବଣ ଯୁଦ୍ଧକ୍ଷେତ୍ରକୁ ପୁତ୍ର ଇନ୍ଦ୍ରଜିତକୁ ପ୍ରେରଣ କରିଛନ୍ତି। ଯୁଦ୍ଧରେ ଇନ୍ଦ୍ରଜିତ ନାଗଫାସ ଅସ୍ତ୍ର ପ୍ରୟୋଗ କରି ରାମ-ଲକ୍ଷ୍ମଣଙ୍କୁ ବାନ୍ଧି ଦେଇଥିବା ବେଳେ ରାମଚନ୍ଦ୍ର ଗରୁଡ଼କୁ ସ୍ମରଣ କରିଛନ୍ତି। ଗରୁଡ଼ ଯୁଦ୍ଧକ୍ଷେତ୍ରରେ ପହଞ୍ଚି ରାମଚନ୍ଦ୍ର ଓ ଲକ୍ଷ୍ମଣଙ୍କୁ ନାଗଫାସରୁ ମୁକ୍ତି କରିଛନ୍ତି। ରାବଣ ଏହା ଜାଣି କ୍ରୋଧରେ ଜର୍ଜରିତ ହୋଇ ଯୁଦ୍ଧକ୍ଷେତ୍ରକୁ ବିଭୀଷଣଙ୍କ ପୁତ୍ର ତରଣୀସେନକୁ ପ୍ରେରଣ କରିଛନ୍ତି। ତରଣୀସେନ ଯୁଦ୍ଧକ୍ଷେତ୍ରରେ ପ୍ରଭୁ ରାମଚନ୍ଦ୍ରଙ୍କ ହସ୍ତରେ ମୃତ୍ୟୁବରଣ କରି ସ୍ୱର୍ଗପ୍ରାପ୍ତି ଲାଭ କରିଛି। ରାବଣ ବିଚଳିତ ହୋଇ ଶେଷରେ ଭ୍ରାତା କୁମ୍ଭକର୍ଣ୍ଣର ନିଦ୍ରା ଭଙ୍ଗ କରିବାକୁ ଆଦେଶ ଦେଇଛନ୍ତି।





ରାବଣର ଆଦେଶ ମାନି କୁମ୍ଭକର୍ଣ୍ଣ ଯୁଦ୍ଧକ୍ଷେତ୍ରକୁ ବାହାରିଛି। ରାବଣଙ୍କୁ ନିବେଦନ କରିଛି ତାର ଯଦି ମୃତ୍ୟୁ ଯୁଦ୍ଧକ୍ଷେତ୍ରରେ ହୁଏ ତେବେ ସେ ସୀତାଙ୍କୁ ରାମଙ୍କ ପାଖରେ ସମର୍ପଣ କରି ଶରଣ ପଶିବ କହି ଯୁଦ୍ଧକ୍ଷେତ୍ରକୁ ଯାଇଛି। ପ୍ରଭୁ ରାମଚନ୍ଦ୍ରଙ୍କ ଶରାଘାତରେ ମୃତ୍ୟୁ ଖବର ପାଇଛି ଦଶାନନ ରାବଣ।

ରାବଣ ମଞ୍ଚ ପରିଚାଳନା କରିଥିଲେ ସରୋଜ ରଥ, ଚିତ୍ତରଞ୍ଜନ ମେହେର, ଘନଶ୍ୟାମ ଖେତି, ମାନସ ବାଗ, ଦୀପକ ମେହେର, ଜୟଦେବ ମେହେର। ସେହିପରି ଆଯୋଧ୍ୟା ମଞ୍ଚ ପରିଚାଳନା ସରୋଜ ମିଶ୍ର, ଚିନ୍ମୟ ନାଏକ, ସୁକଦେବ ମେହେର, କଏଲାସ ମେହେର, ଗୌରଚନ୍ଦ୍ର ଦେହେରି, ନରସିଂହ ରଥ ଦାୟିତ୍ୱ ତୁଲାଉଛନ୍ତି। ରାଜ୍ୟ ତଥା ରାଜ୍ୟ ବାହାରୁ ବହୁ ସାଧୁସନ୍ଥଙ୍କ ସମାବେଶ ହୋଇଛି ବାବା ସିଦ୍ଧେଶ୍ୱର ମନ୍ଦିରରେ। ମନ୍ଦିର ପ୍ରାଙ୍ଗଣରେ ଚାଲିଥିବା ଅନ୍ନପ୍ରସାଦର ଆୟୋଜନ ସୁଶୀଲ ବେହେରା ଓ ସାଥୀ ପ୍ରଦାନ କରିଥିଲେ। କୃଷ୍ଣଚନ୍ଦ୍ର ବେହେରା, ଦଶରଥ ମେହେର, ମୁନସି ମେହେର, ଆଶାରାମ ନାଏକ, ବିଜୟ ଲହରିଆ, ଗଜରାଜ ମେହେର, ଲକ୍ଷ୍ମଣ ସାଥୁଆ, ପ୍ରେମରାଜ ଦେହେରି, ଦିଲିପ ରଥ ଦାୟିତ୍ୱ ତୁଲାଉଛନ୍ତି। ସୁନ୍ଦରଗଡ ମାଁ ସମଲେଇ କର୍ମା ସଂସ୍କୃତିକ ଅନୁଷ୍ଠାନ ତାଙ୍କ ନୃତ୍ୟ ପରିବେଷଣ କରିଥିଲେ। ରାଜଦରବାରେ ରାଜ ଅତିଥିଭାବରେ ପୂର୍ବତନ ଅର୍ଥମନ୍ତ୍ରୀ ପ୍ରସନ୍ନ ଆଚାର୍ଯ୍ୟ ଯୋଗଦାନ କରିଥିଲେ।

# ରାଧିକା ଫର୍ନିଚର୍‌ରେ ଜିଏସ୍‌ଟି ଚଢ଼ଉ

**ବରଗଡ଼, ୯।୨(ସମିସ):** ଶୁକ୍ରବାର ବରଗଡ଼ ଜର୍ଜ ହାଇସ୍କୁଲ ନିକଟସ୍ଥ ଯୋଷୀ କମ୍ପ୍ଲେକ୍ସରେ ଥିବା ରାଧିକା ହୋମ ଡେକର ଫର୍ନିର୍ଚ୍ଚର ଦୋକାନରେ ଜିଏସଟି ବିଭାଗ ତରଫରୁ ଚଢ଼ଉ କରାଯାଇଥିଲା। ସମ୍ବଲପୁର ଏନଫୋର୍ସମେଣ୍ଟ ଜିଏସଟି ବିଭାଗର ତରଫରୁ ରାଧିକା ହୋମ ଡେକର ସହ ଦୋକାନ ମାଲିକଙ୍କ ଘରେ ଏକକାଳୀନ ଚଢ଼ଉ କରିଥିଲେ। ଉକ୍ତ ଫର୍ନିଚର ଦୋକାନ ଜିଏସଟି ଫାଙ୍କିଥିବା ଅଭିଯୋଗରେ ଏହି ଚଢ଼ଉ ହୋଇଥିବା ବେଳେ ବର୍ତ୍ତମାନ କେତେ ପରିମାଣର ଟେକ୍ସ ଫାଙ୍କିଛି ତାହା ସ୍ପଷ୍ଟ ହୋଇନାହିଁ। ଜିଏସଟି ବିଭାଗ ତରଫରୁ ଦୋକାନର କାଗଜପତ୍ର ଜବତ କରାଯିବା ସହ ଯାଞ୍ଚ ପରେ ସଠିକ ତଥ୍ୟ ଜଣାପଡ଼ିବ ବୋଲି ସୂଚନା ଦିଆଯାଇଛି।



# ରାଜଧାନୀକୁ ସକାଳୁଆ ଟ୍ରେନ୍ କେବେ

**ବରଗଡ଼, ୯।୨(ସମିସ)**

ବରଗଡ଼ରୁ ରାଜଧାନୀକୁ ଏକ ସକାଳୁଆ ଟ୍ରେନ ଚାଲିବା ନେଇ ବହୁ ଦିନରୁ ଦାବି ହେଉଥିଲେ ସୁଦ୍ଧା ବର୍ତମାନ ପର୍ଯ୍ୟନ୍ତ ଏ ଦିଗରେ କୌଣସି ପଦକ୍ଷେପ ନିଆଯାଇ ନାହିଁ।

## ଲୋକସଭା ନିର୍ବାଚନରେ ହୋଇପାରେ ପ୍ରମୁଖ ପ୍ରସଙ୍ଗ

୨୦୧୪ ଓ ୨୦୧୯ ନିର୍ବାଚନରେ ଏହା ଜନସାଧାରଣଙ୍କ ଅନ୍ୟତମ ପ୍ରମୁଖ ଦାବି ଥିଲା। ତତ୍କାଳୀନ ନିର୍ବାଚନରେ ପ୍ରତିଦ୍ୱନ୍ଦ୍ୱିତା କରୁଥିବା ଜନପ୍ରତିନିଧିମାନେ ଏହାକୁ ପାଳନ କରିବା ପାଇଁ ନିର୍ଭର ପ୍ରତିଶ୍ରୁତି ମଧ୍ୟ ଦେଇଥିଲେ। ତେବେ ଇତିମଧ୍ୟରେ ୧୦ ବର୍ଷ ବିତିଯାଇଥିଲେ ମଧ୍ୟ ଏ ଦିଗରେ କୌଣସି ପଦକ୍ଷେପ ନିଆଯାଇନାହିଁ। ବରଗଡ଼ରୁ ୫୦ କିଲୋମିଟର ଦୂର ସମ୍ବଲପୁରରୁ ସକାଳ ୬ଟାରେ ୧୮୩୦୩ ସମ୍ବଲପୁର-ପୁରୀ ଇଣ୍ଟରସିଟି ଏକ୍ସପ୍ରେସ ଚଳାଚଳ କରିଥାଏ। ଏହାଛଡା ରାଉରକେଲରୁ ଭୁବନେଶ୍ୱର ଯାଉଥିବା ୨୨୮୩୯ ଟ୍ରେନ ୭ଟା ୩୬ ମିନିଟରରେ ସମ୍ବଲପୁର ସିଟି ଷ୍ଟେସନ ଦେଇ ଭୁବନେଶ୍ୱର ଅଭିମୁଖେ ଯାତ୍ରା କରିଥାଏ। ତେଣୁ ବାଧ୍ୟହୋଇ ବରଗଡ଼ ଅଞ୍ଚଳର ଲୋକେ ଭୋର ୪ଟାରୁ ଉଠି ବସ କିମ୍ବା ନିଜସ୍ୱ ଯାନବାହନରେ ସମ୍ବଲପୁର ଯାଇ ଏହି ଟ୍ରେନରେ ଯାତ୍ରା କରିଥାନ୍ତି। ସମ୍ବଲପୁରରୁ ସକାଳୁ ଯାଉଥିବା ଇଣ୍ଟରସିଟିକୁ ବରଗଡ଼, ବଲାଙ୍ଗିର, କିମ୍ବା ଟିଟିଲାଗଡ଼ ପର୍ଯ୍ୟନ୍ତ ସମ୍ପ୍ରସାରଣ କରାଗଲେ ଏସବୁ ଅଞ୍ଚଳର ଲୋକ ଭୁବନେଶ୍ୱର ପାଇଁ ସକାଳୁ ଟ୍ରେନ ପାଇପାରନ୍ତେ। ଏହାଛଡା ବଲାଙ୍ଗିର କିମ୍ବା ଟିଟିଲାଗଡ଼ରୁ କୌଣସି ସକାଳୁଆ ଟ୍ରେନ ନ ଥିବାରୁ ଏହି ଅଞ୍ଚଳର ଲୋକେ ମଧ୍ୟ ଉପକୃତ ହୋଇପାରନ୍ତେ। ଏ ଦିଗରେ ଜନପ୍ରତିନିଧିମାନଙ୍କୁ ବାରମ୍ବାର ଦାବି କରାଯାଇଥିଲେ ମଧ୍ୟ ଏହାର କୌଣସି ନିର୍ଦ୍ଦିଷ୍ଟ ପଦକ୍ଷେପ ବର୍ତ୍ତମାନ ପର୍ଯ୍ୟନ୍ତ ନିଆଯାଇ ନାହିଁ। ଇତିମଧ୍ୟରେ ଶୁକ୍ରବାରଠାରୁ ସୋନପୁରରୁ ପୁରୀ ପାଇଁ ଏକ ନୂତନ ଟ୍ରେନ ଚଳାଚଳ ଆରମ୍ଭ କରିଛି। ଏହି ସାପ୍ତାହିକ ଟ୍ରେନ ମଧ୍ୟ ବରଗଡ଼ରୁ ରାତି ୧୦ଟାରେ ଛାଡିବ। ଏକ ନିୟମିତ ସକାଳୁଆ ଟ୍ରେନ ବରଗଡ଼ରୁ ଚଲାଇବା ପ୍ରସଙ୍ଗ ଲୋକସଭା ନିର୍ବାଚନରେ ଏକ ପ୍ରମୁଖ ମୁଦ୍ଦା ହେବ। ସହରର ବହୁ ଅନୁଷ୍ଠାନ ପୂର୍ବରୁ ଦାବି ଜଣାଇ ଆସିଛନ୍ତି। ତେବେ ରେଳ ବିଭାଗ କେବେ ଏ ଦିଗରେ ପଦକ୍ଷେପ ନେବ ତାହା ଉପରେ ସମସ୍ତଙ୍କ ନଜର ରହିଛି।



# ମୃତ ପରେ ହରି ଭୋଇଙ୍କ ଚକ୍ଷୁଦାନ

**ବରଗଡ,୯।୨ (ସମିସ):** ଗୁରୁବାର ସନ୍ଧ୍ୟା ସମୟରେ ବରଗଡସ୍ଥିତ ତୋରା ରେଳ ଲାଇନ୍ ଠାରେ ଜଣେ ବ୍ୟକ୍ତି ହରି ଭୋଇଙ୍କ ଶବ ଉଦ୍ଧାର ହୋଇଛି। ପରେ ପରିବାର ବର୍ଗ ତାଙ୍କ ଚକ୍ଷୁଦାନ କରାଇ ସମାଜ ପାଇଁ ଉଦାହରଣ ସୃଷ୍ଟି କରିଛନ୍ତି। ସୂଚନା ଅନୁସାରେ, ସମ୍ବଲପୁର ସରକାରୀ ରେଲୱେ କର୍ମଚାରୀ ସବ୍-ଇନ୍ସପେକ୍ଟର କଲ୍ୟାଣୀ ସେଠ, ସମାଜସେବୀ ସଂଘମିତ୍ରା ପଟେଲ ଏବଂ ତଳିପଡ଼ାର ଜଣେ ବ୍ୟକ୍ତିଙ୍କ ସହଯୋଗରେ ମୃତକଙ୍କ ଚିହ୍ନଟ ସହ ପରିବାର ବର୍ଗଙ୍କୁ ଯୋଗାଯୋଗ କରାଯାଇଥିଲା। ମୃତ ବ୍ୟକ୍ତି ଦୀର୍ଘ ୨୨ ବର୍ଷ ହେବ ବରଗଡ ତଳିପଡ଼ା (ମେହେର ପଡା) ୱାର୍ଡ ନମ୍ବର୍ ୨ରେ ଗୋଟିଏ ଭଡ଼ାଘରେ କୁନି ଝିଅ ଆଉ ସ୍ତ୍ରୀ ସହ ରହି ଆସୁଥିଲେ। ମୃତବ୍ୟକ୍ତି ଜଣକ ଗରିବ ଶ୍ରେଣୀର ଲୋକ ହୋଇଥିବାରୁ ତାଙ୍କ ଘର ମାଲିକ ଶବଦାହ ପାଇଁ ଆର୍ଥିକ ସହାୟତା ଦେଇଥିଲେ। ସମାଜସେବୀ ସଂଘମିତ୍ରା ପଟେଙ୍କ ସହଯୋଗରେ ଶବକୁ ସମ୍ମାନର ସହ ସତ୍କାର କରାଯାଇଛି।



# 'ବେଟି ପଢ଼ାଓ, ବେଟି ବଚାଓ' କାର୍ଯ୍ୟକ୍ରମରେ ଛାତ୍ରୀ ସମ୍ବର୍ଦ୍ଧିତ

**ଝାରବନ୍ଧ,୯ ।୨(ସମିସ):** ଝାରବନ୍ଧ ଉଚ୍ଚ ବିଦ୍ୟାଳୟରେ ଗୋଷ୍ଠୀ ଶିକ୍ଷା କାର୍ଯ୍ୟାଳୟ ଦ୍ୱାରା ଆୟୋଜିତ ବେଟି ପଢ଼ାଓ ବେଟି ବଚାଓ କାର୍ଯ୍ୟକ୍ରମରେ ଗତ ମାଟ୍ରିକ ପରୀକ୍ଷାରେ ସର୍ବୋଚ୍ଚ ମାର୍କ ରଖି ସଫଳ ହୋଇଥିବା ଛାତ୍ରୀକୁ ସମ୍ବର୍ଦ୍ଧିତ କରାଯାଇଛି। ଗୋଷ୍ଠୀ ଶିକ୍ଷାଧିକାରୀ ଶୁଭମ ପତି, ସମନ୍ୱିତ ଶିଶୁ ବିକାଶ ଅଧିକାରୀ ସନ୍ଧ୍ୟାରାଣୀ ନେପାକ, ଏବିଇଓ ବିଶିକେଶନ ଶତପଥୀ, ଦୟାନିଧି କୈବର୍ତ୍ତ, ସିଆରସିସି ଦିବ୍ୟକିଶୋର ପଣ୍ଡା, ମହେନ୍ଦ୍ର ପ୍ରଧାନ ଯୋଗଦାନ କରିଥିଲେ। ଛାତ୍ରୀଙ୍କୁ ସମ୍ବର୍ଦ୍ଧନା ଦେବା ପରେ ଡଭା ଓ ଝାରବନ୍ଧ ଉଚ୍ଚ ବିଦ୍ୟାଳୟ ଛାତ୍ରୀଙ୍କ ମଧ୍ୟରେ ଏକ ପ୍ରଦର୍ଶନୀ ଫୁଟବଲ ମ୍ୟାଚ ହୋଇଥିଲା।



# ବରିଷ୍ଠ ନାଗରିକ କାର୍ଯ୍ୟାଳୟରେ ଗ୍ରାହକ ସଚେତନତା

**ବରଗଡ଼, ୯।୨(ସମିସ):** ଜିଲ୍ଲା ବରିଷ୍ଠ ନାଗରିକ ସଂଘ କାର୍ଯ୍ୟାଳୟରେ ଡିସିବି ବ୍ୟାଙ୍କ ବରଗଡ଼ ଶାଖା ପକ୍ଷରୁ ଏକ ଗ୍ରାହକ ସଚେତନତା ସଭା ଅନୁଷ୍ଠିତ ହୋଇଯାଇଛି। ସଂଘ ସମ୍ପାଦକ ଗୋବିନ୍ଦ ଦାଶ ପ୍ରାରମ୍ଭିକ ସୂଚନା ଦେଇଥିଲେ। ଶାଖାମୁଖ୍ୟ ସୂର୍ଯ୍ୟନାରାୟଣ ସାହୁ ବ୍ୟାଙ୍କର ଉପଲବ୍ଧି ଓ ଉନ୍ନତ ଗ୍ରାହକ ସେବା ଯୋଜନାର ସଂକ୍ଷିପ୍ତ ପରିଚୟ ପ୍ରଦାନ କରିଥିଲେ। ଚନ୍ଦନ ପାତ୍ର, ଆଦିତ୍ୟ ବିର୍ଲା, ସୂର୍ଯ୍ୟ ମିଶ୍ର, ପ୍ରଶାନ୍ତ ସାହୁ ବରିଷ୍ଠ ନାଗରିକଙ୍କୁ ବ୍ୟାଙ୍କ ସେବା ସମ୍ପର୍କିତ ସୂଚନା ଦେଇଥିଲେ। ସୁଶୀଳ ମହାପାତ୍ର, ତୁଳସୀ ଚରଣ ଦାଶ, ଭାରତ ଭୂଷଣ ଦାଶ, ସରଦାର ପ୍ରୀତମ ସିଂ, ପ୍ରସନ୍ନ ପ୍ରଧାନ, ପବିତ୍ର ସରାଫ, କାହ୍ନୁ ପୃଷ୍ଟି, ଦେବୀ ପଟ୍ଟନାୟକ, ବାଳମୁକୁନ୍ଦ ଦାଶ, କୃଷ୍ଣ ପଟ୍ଟନାୟକ, ବିମଳ ମିଶ୍ର, ସାଧୁଚରଣ ଦାଶ ପ୍ରମୁଖ ବରିଷ୍ଠ ନାଗରିକ ଉପସ୍ଥିତ ଥିଲେ। ଉପସଭାପତି ନିର୍ମଳ କିଶୋର କର ଧନ୍ୟବାଦ ଅର୍ପଣ କରିଥିଲେ।




## ଶିଶୁ ବିଦ୍ୟାମନ୍ଦିରରେ ସମ୍ବର୍ଦ୍ଧନା ସଭା

**ପଦ୍ମପୁର, ୯।୨ (ସମିସ):** ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ପାଇଥିବା ୩ ଜଣ ଶିକ୍ଷକ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାରପ୍ରାପ୍ତ ଦ୍ୱାଦଶ ପଧାନ, ଗୋପାଳଜୀ ପ୍ରସାଦ ପାଣିଗ୍ରାହୀ ଓ ସୁରେନ୍ଦ୍ର ସାହୁଙ୍କୁ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ସଭାପତି ପୃଥିରାଜ ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ସମ୍ପାଦକ ଜନକଲାଲ ମେହେର, ସମାଜସେବୀ ନୀରୋଜ ବୋରା ପ୍ରମୁଖ ଉପସ୍ଥିତ ଥିଲେ। ଶିକ୍ଷାବର୍ଷ ୨୦୨୩ ତୃତୀୟ ଓ ପଞ୍ଚମଶ୍ରେଣୀ ବୃତ୍ତି ପରୀକ୍ଷା କୃତିତ୍ୱ ହାସଲ କରିଥିବା, ନନ୍ଦିନୀ ବାଗ, ଆରାଧ୍ୟା ଭୋଇ, ଅପର୍ଣ୍ଣା ଭୋଇ, ଅନିମେଶ ବେହେରା, ପରିସ୍ମିତା ସାହୁଙ୍କୁ ଟ୍ରଫି ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ପ୍ରଧାନଆଚାର୍ଯ୍ୟ ଯୁବରାଜ ପଧାନ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ଦେଇଥିଲେ। ସହ ପ୍ରଧାନଆଚାର୍ଯ୍ୟ ଚୈତନ୍ୟ ଭୋଇ ସଂଯୋଜନା କରିଥିଲେ।

## ଅମ୍ବାଭୋନା ବ୍ରାହ୍ମଣ ସମାଜର ବୈଠକ

**ଅମ୍ବାଭୋନା,୯।୨(ସମିସ):** ଅମ୍ବାଭୋନା ବ୍ଲକ କେଦାରନାଥ ମନ୍ଦିର ପ୍ରାଙ୍ଗଣରେ ବ୍ଲକ ବ୍ରାହ୍ମଣ ସମାଜର ଏକ ପ୍ରସ୍ତୁତି ବୈଠକ ହୋଇଯାଇଛି। ସଭାପତି ଯୋଗିନ୍ଦ୍ର ମିଶ୍ରଙ୍କ ସଭାପତିତ୍ୱରେ ତୃତୀୟ ଥର ସାମୂହିକ ବ୍ରତପୋନୟନ ପାଇଁ ଏକ ପ୍ରସ୍ତୁତି ବୈଠକରେ ସଂପାଦକ ଅଶୋକ ମହାପାତ୍ର, କୋଷାଧ୍ୟକ୍ଷ ଗଙ୍ଗାଧର ଦାଶ, ସହକୋଷାଧ୍ୟକ୍ଷ ସୁରେଶଚନ୍ଦ୍ର ଦାଶଙ୍କ ସମେତ ସମାଜର ଜଗନ୍ନାଥ ପଣ୍ଡା, ପଣ୍ଡିତ ଦୋଳଗୋବିନ୍ଦ ରଥ, ସନ୍ତୋଷ ଦାଶ, ସଚ୍ଚିଦାନନ୍ଦ ପୁରୋହିତ, ମନୋହର ମିଶ୍ର, ମିତ୍ରଭାନୁ ଯୋଷୀ, କ୍ଷମାନିଧି ପୁଝାରୀ ଏବଂ ଅମ୍ବାଭୋନା ବ୍ଲକ ବ୍ରାହ୍ମଣ ସମାଜର ବିଭିନ୍ନ ପଣ୍ଡିତ ଯୋଗ ଦେଇଥିଲେ। ଆସନ୍ତା ମାର୍ଚ୍ଚ ୨୭ ତାରିଖରେ ଚାରିକର୍ମ ଓ ୨୮ ତାରିଖରେ ବଟୁକ ମାନଙ୍କର ବ୍ରତପନୋୟନ କରାଯିବ ବୋଲି ନିର୍ଣ୍ଣୟ ନିଆଯାଇଛି।

## ଉନ୍ନୟନ କାମରେ ଅର୍ଥ ଆତ୍ମସାତ ଅଭିଯୋଗ

**ପଦ୍ମପୁର, ୯।୨ (ସମିସ):** ପଦ୍ମପୁର ମେଜର କଟା ଗଳିରେ ଥିବା ଫ୍ରେଣ୍ଡସ କ୍ଲବ ମରାମତି ଓ ଉନ୍ନୟନ କାମ କରାଯାଉଛି। ଦୀର୍ଘ ଦିନ ପରେ ହେଉଥିବା ଉନ୍ନୟନ କାମରେ ବ୍ୟାପକ ଅନିୟମିତତା ଦେଖାଦେଇଛି। ନିମ୍ନମାନର କାମ ସହ ଖରାପ ସାମଗ୍ରୀ ବ୍ୟବହୃତ କରାଯାଇ ଅର୍ଥ ଆତ୍ମସାତ କରୁଛନ୍ତି। ଲୁହା ରଡ, ସିମେଣ୍ଟ ଓ ଅନ୍ୟାନ୍ୟ ବ୍ୟବହୃତ ସାମଗ୍ରୀ ନିମ୍ନ ମାନରେ ହୋଇଛି। ଉକ୍ତ ପଡାର ପଙ୍କଜିନୀ ପ୍ରଧାନ, ଗୋପାଳକୃଷ୍ଣ ଜଶୱାନୀ, ରୋଜିକୁମାର ଜଶୱାନୀ ନେତୃତ୍ୱରେ ଥାନା ପଡାର ଏକ ପ୍ରତିନିଧିମଣ୍ଡଳୀ ପଦ୍ମପୁର ଅତିରିକ୍ତ ଜିଲ୍ଲାପାଳଙ୍କୁ ଘଟଣାର ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ଲିଖିତ ଅଭିଯୋଗ କରିଛନ୍ତି।

# ତାଲପାଲିରେ 'ନବୀନ ଓଡ଼ିଶା ଆମ ଓଡ଼ିଶା' ସଚେତନତା

**ଗାଇସିଲେଟ, ୯।୨(ସମିସ):** ଗାଇସିଲେଟ ବ୍ଲକ ତାଲପାଲିରେ ଆମ ଓଡ଼ିଶା ନବୀନ ଓଡ଼ିଶା ପଞ୍ଚାୟତସ୍ତରୀୟ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବରେ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଲକ୍ଷ୍ମଣ ମାଝି ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟର ଏକ ପୁସ୍ତିକାକୁ ଉନ୍ମୋଚନ କରିଥିଲେ। ସରପଞ୍ଚ ଉର୍ମିଳା ସେଠଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବରେ ଜିଲ୍ଲା ପରିଷଦ ସଭ୍ୟ ନୀଳମଣି ବରିହା, ସମିତିସଭ୍ୟା ମିନତୀ ମାଝି, ନାଏବ ସରପଞ୍ଚ ସଞ୍ଜୀବ ସାହୁ, ପୂର୍ବତନ ସରପଞ୍ଚ ଚୈତନ୍ୟ ସାହୁ, ମାଳତୀ ସାହୁ, ସୁଶାନ୍ତ ସାହୁ, ଉମାବତି ଭଏନା, ପୂର୍ବତନ ସମିତିସଭ୍ୟ ଭୀଷ୍ମଦେବ ମହାନ୍ତି, ମାନଭଞ୍ଜନ ସାହୁ, ଶଶିକାନ୍ତ ବଡେଇଙ୍କ ସହ ଗ୍ରାମପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ପାଣ୍ଡବ ନନ୍ଦ, ଗ୍ରାମ ରୋଜଗାର ସେବକ କୀର୍ତ୍ତନ ପଟେଲ, ସମସ୍ତ ୱାର୍ଡସଭ୍ୟ, ଗ୍ରାମର ଗୌନ୍ତିଆ କୃଷ୍ଣଚନ୍ଦ୍ର ସାହୁ, ଦୀନବନ୍ଧୁ ସାହୁ, ବିଦ୍ୟାଧର ସାହୁ, ମୋହନ ସାହୁ ପ୍ରମୁଖ ସହଯୋଗ କରିଥିଲେ। ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟା, ଅଙ୍ଗନବାଡ଼ି କର୍ମୀ, ଆଶା କର୍ମୀ, ଏମବିକେ, ସିଆରପିମାନେ ଉପସ୍ଥିତ ଥିଲେ। ବିଭିନ୍ନ ସ୍କୁଲର ଛାତ୍ରଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ସହିତ ଆମ ଓଡିଶା ନବୀନ ଓଡିଶା କାର୍ଯ୍ୟକ୍ରମ ସମ୍ପର୍କରେ ପାଲା, କରମସାନି, ଡ଼ାଲଖାଇ ମାଧ୍ୟମରେ ସ୍ଥାନୀୟ ଜନସାଧାରଣଙ୍କୁ ସଚେତନ କରାଯାଇଥିଲା।



# କେନ୍ଦୁଭଟାରେ କ୍ରେତା-ବିକ୍ରେତା କର୍ମଶାଳା

**ଗାଇସିଲେଟ, ୯।୨(ସମିସ):** ଗାଇସିଲାଟ ବ୍ଲକ ଅନ୍ତର୍ଗତ କେନ୍ଦୁଭଟାଠାରେ କ୍ରେତା-ବିକ୍ରେତା କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଦେବଦତ୍ତ କ୍ଲବ ଓ କୃଷି ବିଭାଗର ମିଳିତ ଆନୁକୂଲ୍ୟରେ ଫସଲ ବିବିଧକରଣ ଯୋଜନା କାର୍ଯ୍ୟକାରୀ ହେଉଥିବା ଗ୍ରାମ କେନ୍ଦୁଭଟା, ଚଙ୍ଘରିଆ, ହଲନକନାସି, ବଇଦପାଲି, ଜାମୁଟପାଲି ଓ ଗ୍ରିଣ୍ଡୋଲମାଲର ଚାଷୀ ଏବଂ କ୍ରେତା ସାମିଲ ହୋଇଥିଲେ। କର୍ମଶାଳାକୁ ମୁଖ୍ୟ ଜିଲ୍ଲା କୃଷି ଅଧିକାରୀ ଅମିୟ ସାହୁ ଓ ଗାଇସିଲେଟ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଲକ୍ଷ୍ମଣ ମାଝୀ ଉଦ୍‌ଘାଟନ କରିଥିବାବେଳେ ଜିଲ୍ଲା ସଂଯୋଜକ ସୁଶୀଳ ସେଠ ଗାଇସିଲେଟ ସହକାରୀ କୃଷୀ ଅଧିକାରୀ ମଧୁସ୍ମିତା ମିଶ୍ର, ଏଏଚଓ ପ୍ରୀୟଙ୍କା ପ୍ରିୟଦର୍ଶିନୀ ଦେବଦତ୍ତ କ୍ଲବ ସମ୍ପାଦକ କାହ୍ନୁଚରଣ ମାଝୀ, ବ୍ଲକ ସଂଯୋଜକ ଉମାକାନ୍ତ ସାହୁ ଉପସ୍ଥିତ ଥିଲେ। ବୀଣାପାଣି ସାହୁଙ୍କ ଦ୍ୱାରା ପ୍ରାରମ୍ଭିକ ସଂଗୀତ ଗାନ କରାଯାଇଥିଲା। କାହ୍ନୁଚରଣ ମାଝୀ ସଭା ପରିଚାଳନା କରିଥିଲେ। କ୍ରେତାଙ୍କ ମଧ୍ୟରେ ଜଗଦାନନ୍ଦ ପଧାନ, ରମାକାନ୍ତ ସାହୁ ଓ ମଞ୍ଜି ବିକ୍ରେତା ବିମଳ ପଧାନ, ତେଜେଶ୍ୱର ଭୋଇ, କୃଷ୍ଣଚନ୍ଦ୍ର ପଣ୍ଡା, କୃଷ୍ଣଚନ୍ଦ୍ର ସେଠ, ନିର୍ମଳ ପାତ୍ର, ମାଣ୍ଡିଆ କ୍ରେତା ସନ୍ତୋଷିନୀ ଦେଓ, ଏମ୍ ଏସ୍ ଏମ୍ ଇ ରାଜ୍ୟ ସଂଗଠନର ଉପସଭାପତି ସିଦ୍ଧେଶ୍ୱର ମିଶ୍ର ଉପସ୍ଥିତ ଥିଲେ। ଚାଷୀମାନେ ନିଜ ନିଜ ର ଉତ୍ପାଦିତ ଦ୍ରବ୍ୟ ଆଣି ଷ୍ଟଲ୍ ରେ ପ୍ରଦର୍ଶନ କରିଥିଲେ। ରୁଦ୍ର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।




■ ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ

# ଜଗନ୍ନାଥ ସଂସ୍କୃତି, ଓଡ଼ିଆ ସାହିତ୍ୟ କାର୍ଯ୍ୟକ୍ରମର ଉଦ୍‌ଯାପନୀ

**ବରଗଡ଼, ୯।୨(ସମିସ):** ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ ଆୟୋଜନ ଓ ଜଗନ୍ନାଥ ସଂସ୍କୃତିର ପ୍ରଚାର ପ୍ରସାର ପରିପ୍ରେକ୍ଷୀରେ 'ନୂଆ-ଓ' ମାଧ୍ୟମରେ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାର ଉଦଯାପନୀ ଦିବସ ବରଗଡ଼ ସଦର ବ୍ଲକ କଟାପାଲି ଡ଼ିଗ୍ରୀ ମହାବିଦ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। କଲେଜର ଅଧକ୍ଷା ଦୀପ୍ତିମୟୀ ପାଣିଗ୍ରାହୀ ସଭାପତିତ୍ୱ କରିଥିବା ବେଳେ ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗ ମୁଖ୍ୟ ରାମଚନ୍ଦ୍ର ପଧାନ ସଭାକାର୍ଯ୍ୟ ପରିଚାଳନା କରିଥିଲେ। ମୁଖ୍ୟଅତିଥି ଭାବରେ ବରଗଡ଼ ପଞ୍ଚାୟତ ମହାବିଦ୍ୟାଳୟର ଅବସରପ୍ରାପ୍ତ ପ୍ରାଧ୍ୟାପକ ରବୀନ୍ଦ୍ର ପ୍ରଧାନ ଜଗନ୍ନାଥଙ୍କ ତାତ୍ତ୍ୱିକ ଦିଗ ବ୍ୟାଖ୍ୟା କରିଥିଲେ। ଏହି ସଭାର ବିଶେଷ ଆକର୍ଷଣ ହାସ୍ୟକବି ମୁନିରାମ କୁମ୍ଭାର ଜଗନ୍ନାଥ ସଂସ୍କୃତି ସମ୍ପର୍କରେ ଆଲୋଚନା କରିଥିଲେ। ଏହି ଅବସରରେ ଲୋକନୃତ୍ୟ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏଥରେ ବିଚାରକ ଭାବରେ ନେତ୍ରାନନ୍ଦ ଝୁପା, ସାଗର ମେହେର ଓ ଶ୍ରୀମାନ ନୀଳାଞ୍ଚଳ ପଧାନ ଉପସ୍ଥିତ ଥିଲେ। ପୂର୍ବରୁ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ହାସଲ କରିଥିବା ଛାତ୍ରଛାତ୍ରୀମାନଙ୍କୁ ପୁରସ୍କୃତ କରାଯାଇଥିଲା। ମହାବିଦ୍ୟାଳୟର ଛାତ୍ରୀ ଅଲିଭା ଛତର, ପ୍ରିୟଙ୍କା ସାହୁ, ମୁସ୍କାନ ମହାପାତ୍ର, ସିଦ୍ଧି ସାହୁ, ପୂଜା ସାହୁ, ଶ୍ରାବଣୀ ପଧାନ ପ୍ରାରମ୍ଭିକ ସଙ୍ଗୀତ ଗାନ କରିଥିଲେ ଏବଂ ଶିମଲି ପ୍ରଧାନ, ସୀମା ପାଣ୍ଡେ, ମାମୁନି ସାହୁ, ସୁଜାତା ସାହୁ, କିଶୋର ରାଉତ, ମଳୟ ସାହୁ, ଶେଷଦେବ ସାହୁ ସହଯୋଗ କରିଥିଲେ। ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗର ଅଧ୍ୟାପିକା ସ୍ୱାଗତିକା ବଗର୍ତି ଧନ୍ୟବାଦ ଅର୍ପଣ କରିଥିଲେ। ସଭାକାର୍ଯ୍ୟକୁ ଅଧ୍ୟାପକ ସୁମେନ୍ଦ୍ର ବିଶ୍ୱାଳ, ଚୈତନ୍ୟ ପୋଢ଼, ଶଙ୍କର ପଧାନ, ଦେବେନ୍ଦ୍ର ପଧାନ, ଲକ୍ଷପତି ପୋଢ଼, ଦିବ୍ୟଲୋଚନ ସାହୁ ସହଯୋଗ କରିଥିଲେ।

# ହିତାଧିକାରୀଙ୍କୁ ଝୋଟ ବ୍ୟାଗ୍ ବଣ୍ଟନ

**ବରଗଡ଼, ୯।୨(ସମିସ):** ବରଗଡ଼ ସଦର ବ୍ଲକ ଖଲିଆପାଲି ଗ୍ରାମପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ଆମ ଓଡ଼ିଶା ନବୀନ ଓଡ଼ିଶା ଅନ୍ତର୍ଗତ ଝୋଟ ବ୍ୟାଗ ବଣ୍ଟନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ପରିବେଶ ସୁରକ୍ଷା ଉଦ୍ଦେଶ୍ୟରେ ଏହି କାର୍ଯ୍ୟକ୍ରମରେ ଯୋଗାଣ ନିରୀକ୍ଷକ ରଞ୍ଜନ ନାଏକ ଉପସ୍ଥିତ ଥିଲେ। ବ୍ଲକ ଉପାଧ୍ୟକ୍ଷ ଉମେଶ ପଣ୍ଡା ମୁଖ୍ୟଅତିଥି ଭାବେ ପଞ୍ଚାୟତର ବିଭିନ୍ନ ହିତାଧିକାରୀଙ୍କୁ ବ୍ୟାଗ ବଣ୍ଟନର ଶୁଭାରମ୍ଭ କରିଥିଲେ। ଏହି ଅବସରରେ ସରପଞ୍ଚ ପ୍ରତିନିଧି ରାଜୁ ସୁନା, ସମିତି ପ୍ରତିନିଧି ପ୍ରମୋଦ ନନ୍ଦ, ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ହିମାଂଶୁ ହୋତା, ଚନ୍ଦ୍ରକାନ୍ତ ପଟ୍ଟନାୟକ, ଦୁଃଖିଶ୍ୟାମ ସାହୁ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ।



# ଶିକ୍ଷକ-ଅଭିଭାବକଙ୍କ ବୈଠକ

**ପାଇକମାଲ, ୯।୨ (ସମିସ):** ଦଶମ ଶ୍ରେଣୀ ପରୀକ୍ଷାକୁ ଦୃଷ୍ଟିରେ ରଖି କିପରି ଶୃଙ୍ଖଳିତ ଏବଂ ଚାପମୁକ୍ତ ହୋଇ ଛାତ୍ରୀମାନେ ବୋର୍ଡ଼ ପରୀକ୍ଷା ଦେବେ ଏଉପରେ ଯମୁନା କାନ୍ଧୁଣୀ ବାଳିକା ଉଚ୍ଚ ବିଦ୍ୟାଳୟର ଅଭିଭାବକ ଏବଂ ଶିକ୍ଷକଙ୍କ ମଧ୍ୟରେ ଏକ ଆଲୋଚନା ବୈଠକ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଏହି ସଭାରେ ମୁଖ୍ୟଅତିଥି ଥିଲେ ବିଦ୍ୟାଳୟର ବରିଷ୍ଠ ସଦସ୍ୟ ଗୋବର୍ଦ୍ଧନ ଆଗ୍ରୱା। ପ୍ରଧାନଶିକ୍ଷକ ସୁଶାନ୍ତ ପଣ୍ଡା ସଭାର ଉଦ୍ଦେଶ୍ୟ ଜ୍ଞାପନ କରିଥିବା ବେଳେ ଶିକ୍ଷକ ସେବକ ସେଠ ସଭା ପରିଚାଳନା କରିଥିଲେ। ଶିକ୍ଷୟିତ୍ରୀ ଉଷା ଦାସ ଧନ୍ୟବାଦ ଅର୍ପଣ କରିଥିଲେ। ସଭାରେ ୬୮ ଜଣ ଅଭିଭାବକଙ୍କ ସହ ବିଦ୍ୟାଳୟର ସମସ୍ତ ବିଷୟ ବିଭାଗର ଶିକ୍ଷକ ଆଲୋଚନାରେ ଭାଗ ନେଇଥିଲେ।

# କମଗାଁ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ 'ମୋ ସ୍କୁଲ' ଅଭିଯାନ

**ଭଟଲି,୯।୨(ସମିସ):** ଭଟଲି ବ୍ଲକ୍ ଅନ୍ତର୍ଗତ କମଗାଁ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ମୋ ସ୍କୁଲ ଅଭିଯାନର ଶୁଭ ଉଦଘାଟନ ହୋଇଯାଇଛି। ବରଗଡ ଜିଲ୍ଲା ଶିକ୍ଷାଧିକାରୀ ମିତ୍ରଭାନୁ କଛପ ମୁଖ୍ୟଅତିଥି ଭାବରେ ଯୋଗଦାନ କରିଥିବା ବେଳେ ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ ଛତ୍ରପତି ସାହୁ ଓ ଭାର୍ଗବ ନାଏକୋ ସମ୍ମାନିତ ଅତିଥି ଭାବରେ ଯୋଗଦାନ କରିଥିଲେ। ଅଧ୍ୟାପିକା ଅନୁପମା ପଣ୍ଡା ଅତିଥି ପରିଚୟ ଓ ସଭାର ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। କାର୍ଯ୍ୟକ୍ରମରେ ସମସ୍ତ ପୁରାତନ ଛାତ୍ରଛାତ୍ରୀ ସାମିଲ ହେବା ପାଇଁ ଆହ୍ୱାନ କରାଯାଇଛି। ଏହି ପରିପ୍ରେକ୍ଷୀରେ କଲେଜର କର୍ମଚାରୀମାନେ ତାଙ୍କର ଷ୍ଟାଫ ଫଣ୍ଡରୁ ପାଞ୍ଚ ଲକ୍ଷ ଟଙ୍କା ଚେକ ମାଧ୍ୟମରେ ଅର୍ପଣ କରିଥିଲେ। ମହାବିଦ୍ୟାଳୟର ବରିଷ୍ଠ ପ୍ରାଧ୍ୟାପକ ହରେକୃଷ୍ଣ ଦେବତା ମୋ ସ୍କୁଲ ଅଭିଯାନ ବିଷୟରେ ଆଲୋଚନା କରିଥିଲେ। ଦଶମ ଶ୍ରେଣୀରେ ୮୨ ଶତକଡାରୁ ଉର୍ଦ୍ଧ୍ୱ ମାର୍କ ରଖି କମଗାଁ ମହାବିଦ୍ୟାଳୟରେ ଯୁକ୍ତ ଦୁଇ କଳା ପ୍ରଥମ ବର୍ଷରେ ପଢୁଥିବା ୫୪ ଜଣ ଛାତ୍ରଛାତ୍ରୀଙ୍କୁ ପୁସ୍ତକ ବଣ୍ଟନ କରାଯାଇଥିଲା। ଅଧ୍ୟାପିକା ଜ୍ୟୋତିର୍ମୟୀ ପ୍ରଧାନ, ମୋନାଲିସା ପ୍ରଧାନ ଓ ସହାୟିକା ଗ୍ରନ୍ଥାକାରିକା ମୋନାଲିସା ଛନ୍ଦ ସହଯୋଗ କରିଥିଲେ। ଅଧ୍ୟାପିକା ଟୁନି ବେହେରା ଧନ୍ୟବାଦ ପ୍ରଦାନ କରିଥିଲେ। ମହାବିଦ୍ୟାଳୟର ଅଧ୍ୟାପକ, ଅଧ୍ୟାପିକାଙ୍କ ସହ ବହୁ ସଂଖ୍ୟାରେ ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ।

# ବୁଧାପାଲି ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା ଓ ଯୁବ ମହୋତ୍ସବ



**ପଦ୍ମପୁର, ୯।୨ (ସମିସ)**

ରାଜବୋଡ଼ାସମ୍ବର ବ୍ଲକ ବୁଧାପାଲି ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା ଓ ଯୁବ ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି। ସରପଞ୍ଚ ଚୈତନ୍ୟ ଲୋହାର, ଜିଲ୍ଲା ପରିଷଦ ସଦସ୍ୟା ସରସ୍ୱତୀ ସାହୁ, ଗ୍ରାମ୍ୟକମିଟି ସଭାପତି ଡୋଳାମଣି ପଟେଲ, ସତ୍ୟ ତୁରିଆ, ସ୍ୱପ୍ନେଶ୍ୱର ସାହୁ, ଧବଳେଶ୍ୱର ଭୋଇ, ମୋତିରାମ ପଟେଲ, ପ୍ରଧାନଶିକ୍ଷକ ପ୍ରତାପ ସାହୁ ସଭାରେ ଯୋଗ ଦେଇଥିଲେ। ନେହରୁ କ୍ଲବ, ପ୍ରଗତି କ୍ଲବ, ନେତାଜୀ କ୍ଲବ, ଅହିଂସା କ୍ଲବର ସଭ୍ୟମାନେ ପବିତ୍ର ଶୈବପୀଠ ଦେବଦର୍ହାଠାରୁ ମଶାଲ ଶୋଭାଯାତ୍ରାରେ ଆସିଥିଲେ। ଶୋଭାଯାତ୍ରୀଙ୍କୁ କୀର୍ତ୍ତନ, ସମ୍ପ୍ରଦା ଦଳ ଦୁର୍ଗା ମନ୍ଦିରଠାରୁ ସ୍ୱାଗତ କରିଥିଲେ। ବିଦ୍ୟାଳୟର ଛାତ୍ରୀ ଝୁମକି କରୁଆଲ, ଶ୍ରଦ୍ଧାସୁମନ ସାହୁ ପ୍ରାରମ୍ଭିକ ସଙ୍ଗୀତ ପରିବେଷଣ କରିଥିବା ବେଳେ କ୍ଲବ ସଭାପତି ଲୋକନାଥ ପଟେଲ ମଞ୍ଚ ପରିଚାଳନା କରିଥିଲେ। ଟିକେଶ୍ୱର ବାଗ, ସୁଶାନ୍ତ ମହାପାତ୍ର, ତୁଳସୀ ଭୋଇ, ସୁନୀଳ ପାଣ୍ଡେ, ରାଜେଶ ପାଣ୍ଡେ, ସ୍କୁଲ ପରିଚାଳନା କମିଟି, ସମସ୍ତ ଶିକ୍ଷକ, ଶିକ୍ଷୟିତ୍ରୀ ସହଯୋଗ କରିଥିଲେ। ସ୍କୁଲ କମିଟି ସଭାପତି ଟୁନୁ ତୁମୁନିଆଁ ଧନ୍ୟବାଦ ଅର୍ପଣ କରିଥିଲେ।

# ବ୍ଲକ୍‌ସ୍ତରୀୟ ସାଇନ୍ସ କଂଗ୍ରେସ କାର୍ଯ୍ୟକ୍ରମ

**ଝାରବନ୍ଧ, ୯।୨(ସମିସ):** ନୂତନ ଜ୍ଞାନକୌଶଳ ତଥା ବିଜ୍ଞାନ କ୍ଷେତ୍ରରେ ଛାତ୍ରଛାତ୍ରୀଙ୍କ ଦକ୍ଷତା ବୃଦ୍ଧି ନିମନ୍ତେ ଝାରବନ୍ଧ ପଞ୍ଚାୟତ ଉଚ୍ଚ ବିଦ୍ୟାଳୟରେ ବ୍ଲକସ୍ତରୀୟ ସାଇନ୍ସ କଂଗ୍ରେସ-୨୦୨୪ ରାଷ୍ଟ୍ରୀୟ ଆବିଷ୍କାର ଅଭିଯାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବ୍ଲକ ଶିକ୍ଷାଧିକାରୀ ଶୁଭମ ପତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଝାରବନ୍ଧ ବ୍ଲକର ୧୮ଟି ଉଚ୍ଚ ବିଦ୍ୟାଳୟରୁ ଛାତ୍ରଛାତ୍ରୀ ନିଜର ପ୍ରକଳ୍ପ ଆଣିଥିଲେ। ତନ୍ମଧ୍ୟରୁ ସରକାରୀ ଉଚ୍ଚ ବିଦ୍ୟାଳୟ କୁର୍ଲୁପାଲି, ଝାରବନ୍ଧ, ଭଣ୍ଡାରପୁରୀ, ସ୍ୱାମୀ ବିବେକାନନ୍ଦ ଉଚ୍ଚ ବିଦ୍ୟାଳୟ କନ୍ଦାଡଙ୍ଗର, ଜୟଦୁର୍ଗା ଉଚ୍ଚ ବିଦ୍ୟାଳୟ ତୁର୍ଲାର ପ୍ରକଳ୍ପ ଜିଲ୍ଲା ସ୍ତର ପ୍ରତିଯୋଗିତାରେ ଅଂଶଗ୍ରହଣ କରିବ। ବିଚାରକମଣ୍ଡଳୀରେ ପାଇକମାଲ ବିନ୍ଧ୍ୟବାସିନୀ କଲେଜର ଗଣିତ ଅଧ୍ୟାପକ ତେଜରାଜ ପ୍ରଧାନ, ପ୍ରାଣୀବିଜ୍ଞାନ ଅଧ୍ୟାପକ ହିମାଂଶୁ ପ୍ରଧାନ, ଝାରବନ୍ଧ ଆଦର୍ଶ ବିଦ୍ୟାଳୟର ଶିକ୍ଷକ ଆକାଶ ସାହୁ ପ୍ରମୁଖ ଯୋଗ ଦେଇଥିଲେ। ଅତିରିକ୍ତ ବ୍ଲକ ଶିକ୍ଷାଧିକାରୀ ଦୟାନିଧି କୈବର୍ତ୍ତ ମଞ୍ଚ ପରିଚାଳନା କରିଥିଲେ।

ସକାଳ
THE SAKALA



### ଅର୍ଦ୍ଧାଙ୍ଗିନୀର ପ୍ରକୃତ ଉଦାହରଣ ନଇନା

# ସ୍ୱାମୀଙ୍କ ସହ ପରିବାର ବୋଝ ଉଠାଉଛନ୍ତି

ସମ୍ବଲପୁର, ୯।୨(ସମିସ)

ପତ୍ନୀ ହେଉଛି ସ୍ୱାମୀର ଅର୍ଦ୍ଧାଙ୍ଗିନୀ। ଉଭୟଙ୍କ ସମ୍ପର୍କକୁ ନେଇ ଅନେକ ଉଦାହରଣ ରହିଛି। ପରସ୍ପର ସୁଖଦୁଃଖର ସାଥୀ। ପୂର୍ବରୁ ପରିବାର ପରିପୋଷଣ କରିବା ପାଇଁ କେବଳ ପୁରୁଷମାନଙ୍କୁ ରୋଜଗାର କରିବାକୁ ପଡୁଥିଲା। ତେବେ ଆଜିକାର ବ୍ୟୟବହୁଳ ଆଧୁନିକ ସମାଜରେ ପରିବାର ଗୁଡ଼ିକର ଖର୍ଚ୍ଚ ଏତେ ପରିମାଣରେ ବଢ଼ିଯାଇଛି ସେ ଉଭୟ ସ୍ୱାମୀ-ସ୍ତ୍ରୀଙ୍କୁ କାମ କରିବାକୁ ପଡୁଛି। ଚାକିରୀ ହେଉକି ବ୍ୟବସାୟ ହେଉ ଏବେ ଅନେକ ପତ୍ନୀ ସ୍ୱାମୀଙ୍କୁ ସାହାଯ୍ୟ ସହଯୋଗ କରିବା ପାଇଁ ଆଗେଇ ଆସୁଥିବା ଦେଖାଯାଉଛି। ବିଶେଷକରି ଆଜିକାର ଯୁଗରେ ବଡ଼ ବଡ଼ ବ୍ୟବସାୟରେ ପତ୍ନୀମାନେ ସ୍ୱାମୀଙ୍କୁ ସହଯୋଗ କରୁଥିବା ଦେଖାଯାଉଛି। ହେଲେ ଏମିତି ବି ସ୍ତ୍ରୀ ଅଛନ୍ତି ଛୋଟ ଦୋକାନ କରିଥିବା ସ୍ୱାମୀଙ୍କ ହାତରେ ହାତ ଦେଇ ମନୋବଳ ବଢ଼ାଉଛନ୍ତି।

ସମ୍ବଲପୁର ଅଇଁଠାପାଲି ପିଏଚଡ଼ି ପଡ଼ିଆ ନିକଟରେ ଏକାଠି ଋତୁକାଳୀନ ବ୍ୟବସାୟ କରୁଛନ୍ତି ଦମ୍ପତି। ସୋନପୁର ଜିଲ୍ଲା ଡୁଙ୍ଗରିପାଲି ଗ୍ରାମରୁ ୧୦ବର୍ଷ ପୂର୍ବରୁ ସମ୍ବଲପୁର ସହରକୁ ଆସିଥିଲେ ଦୀନେଶ ମାଝୀ। ପ୍ରଥମେ ବୁଲି ବୁଲି ପରିବା ବ୍ୟବସାୟ କରି ରୋଜଗାର କରିବା ଆରମ୍ଭ କରିଥିଲେ। ପରେ ସେ ନଇନାଙ୍କୁ ବିବାହ କରିଥିଲେ। ବିବାହ ପରେ ଉଭୟେ ଏବେ ଅଇଁଠାପାଲି ଖଜୁରିଆପଡ଼ାରେ ଏକ ଘର ଭଡ଼ା ନେଇ ରହୁଛନ୍ତି। ଖରାଦିନେ ତରଭୁଜ, ଶୀତଦିନେ ମକା ଯାହା ଋତୁକାଳୀନ ବ୍ୟବସାୟ ତାକୁ କରନ୍ତି। ଏବେ ସେମାନେ ମକା ବ୍ୟବସାୟ କରୁଛନ୍ତି। ସ୍ୱାମୀଙ୍କୁ ସାହାଯ୍ୟ କଲେ ଅଧିକ ରୋଜଗାର ହେବା ସହ ପିଲାଛୁଆଙ୍କ ଭବିଷ୍ୟତ ଗଢ଼ିହେବ ବୋଲି ଭାବି ପତ୍ନୀ ନଇନା ମଧ୍ୟ ମକା ଦୋକାନକୁ ଦୀନେଶଙ୍କ ସହିତ ଆସନ୍ତି। ଘରେ ଥିବା ଦୁଇ ଛୁଆଙ୍କ ସବୁ ପ୍ରକାର ବ୍ୟବସ୍ଥା କରି ସକାଳୁ ସ୍ୱାମୀଙ୍କୁ ସାହାଯ୍ୟ କରିବା ପାଇଁ ଘରୁ ବାହାରି ପଡ଼ନ୍ତି। ସବୁ ଖର୍ଚ୍ଚ କାଟି ଦିନକୁ ୬୦୦ରୁ ୭୦୦ ଟଙ୍କା ରୋଜଗାର ହୋଇଥାଏ। ରୋଜଗାର ହେଇଥିବା ଟଙ୍କାରେ ଖାଲି ଦୁଇବେଳା ଖାଇବା ହୋଇଥାଏ ବୋଲି ନଇନା କହନ୍ତି। ରୋଜଗାରରୁ କିଛି ସଞ୍ଚୟ ହୋଇପାରେ ନାହିଁ। ଦୁଇ ପୁଅ ଝିଅ କଥା, ପାଠ ପଢ଼ାରେ ସବୁ ସରିଯାଏ। ସରକାରୀ ସୁବିଧା ମଧ୍ୟ ମିଳୁନାହି। ଏବେକାର ମହଙ୍ଗା ଦିନରେ ଜଣଙ୍କ ରୋଜଗାର ପରିବାର ଚାଳିବା କଷ୍ଟକର। ତେଣୁ ଉଭୟେ ଶ୍ରମଦାନ କରି ଅଧିକ ରୋଜଗାର ଆଶା ନେଇ ଏହି ପଦକ୍ଷେପ ନଇନା ଗ୍ରହଣ କରିଥିବା କହିଛନ୍ତି। ଏକ ସ୍ଥାୟୀ ଦୋକାନ କରିବାକୁ ମନରେ ଇଚ୍ଛା ରହିଛି। ହେଲେ ସେତିକି ସମ୍ବଳ ପାଖରେ ନାହିଁ। ତେଣୁ ଉଠା ଦୋକାନରେ ବ୍ୟବସାୟ କରୁଛନ୍ତି। ଭଲ ଜିନିଷ ବିକ୍ରି କରୁଥିବାରୁ ଗ୍ରାହକମାନେ ଆସୁଛନ୍ତି ବୋଲି କହିଛନ୍ତି।



## ଚାଉଁରପୁର ମହାନଦୀ ପୋଲରୁ ଡେଇଁ ଯୁବକଙ୍କ ଆତ୍ମହତ୍ୟା

**ସମ୍ବଲପୁର, ୯।୨(ସମିସ):** ସମ୍ବଲପୁର ଟାଉନଥାନା ଅନ୍ତର୍ଗତ ମହାନଦୀ ଦ୍ୱିତୀୟ ସେତୁ (ଚାଉଁରପୁର ବ୍ରିଜ) ଉପରୁ ମହାନଦୀକୁ ଡେଇଁ ଯୁବକ ଆତ୍ମହତ୍ୟା କରିଛନ୍ତି। ଯୁବକ ଜଣକ ଦଲେଇପଡ଼ାର ଚନ୍ଦନ ଅଗ୍ରୱାଲ (୨୩) ବୋଲି ପୁଲିସ କହିଛି। ମାନସିକ ଚାପରେ ଥିବାରୁ ଚନ୍ଦନ ଏଭଳି ପଦକ୍ଷେପ ନେଇଥିବା ପ୍ରାଥମିକ ତଦନ୍ତରୁ ଜାଣିବାକୁ ପାଇଥିବା ପୁଲିସ କହିଛି। ମୃତ ଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ରଖାଯାଇଛି। ମିଳିଥିବା ସୂଚନା ମୁତାବକ ସନ୍ଧ୍ୟା ସମୟରେ ବ୍ରିଜ ଉପରେ ଲୋକମାନଙ୍କ ଭିଡ ଲାଗି ରହିଥିଲା। ମୃତକ ଚନ୍ଦନ ମଧ୍ୟ ଚାଲିଚାଲି ବ୍ରିଜ ଉପରେ ଯାଉଥିଲେ। ହଠାତ୍ ମହାନଦୀ ଭିତର ଶୁଖିଲା ସ୍ଥାନକୁ ଡେଇଁ ପଡ଼ିଥିଲେ। ପ୍ରତ୍ୟକ୍ଷଦର୍ଶୀଙ୍କ ସୂଚନା ପାଇ ପୁଲିସ ଓ ଅଗ୍ନିଶ୍ରମ ବିଭାଗ ପହଞ୍ଚି ଗୁରୁତର ଅବସ୍ଥାରେ ଉଦ୍ଧାର କରିଥିଲେ। ଜିଲ୍ଲା ସଦର ଡାକ୍ତରଖାନାରେ ଚିକିତ୍ସିତ ଅବସ୍ଥାରେ ଡାକ୍ତର ମୃତ ଘୋଷଣା କରିଥିଲେ। ଚନ୍ଦନଙ୍କ ମାଁ କିଛି ଦିନ ପୂର୍ବରୁ ନିଆଁରେ ପୋଡି ମୃତ୍ୟୁ ଘଟିଥିଲା। ବାପାଙ୍କ ମଧ୍ୟ ଦେହାନ୍ତ ହୋଇଛି। ତାଙ୍କର ୧୪ ବର୍ଷର ସାନ ଭାଇକୁ ଏକାକି ଛାଡି ଚାଲି ଯାଇଛନ୍ତି। ଚନ୍ଦନ କିଛି ଦିନ ହେବ ମାନସିକ ଚାପରେ ରହୁଥିଲେ।



## ସମ୍ବଲପୁର ବିଶ୍ୱବିଦ୍ୟାଳୟର ଓଡ଼ିଆ ଅଧ୍ୟାପକ ସମ୍ମାନିତ

**ସମ୍ବଲପୁର, ୯।୨(ସମିସ):** ବଣାଇଗଡ଼ ମହାବିଦ୍ୟାଳୟରେ ଅନୁଷ୍ଠିତ ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ ପାଳନ ଅବସରରେ ଆୟୋଜିତ ଆଲୋଚନାଚକ୍ରରେ ସମ୍ବଲପୁର ବିଶ୍ୱବିଦ୍ୟାଳୟର ସ୍ନାତକୋତ୍ତର ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗର ଆସିଷ୍ଟାଣ୍ଟ ପ୍ରଫେସର ଡ. ଶୁକମୁନି ମେହେରଙ୍କୁ ଉପଢ୍ୌକନ ଓ ମାନପତ୍ର ପ୍ରଦାନ କରାଯାଇ ସମ୍ମାନିତ କରାଯାଇଛି। ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରଫେସର ଜେନାମଣି ସାହୁ, ମହାବିଦ୍ୟାଳୟର ଓଡ଼ିଆ ବିଭାଗର ଦୁଇ ଅଧ୍ୟାପକ ଶୀତଳ ମହାନନ୍ଦ ଓ ଖଗେଶ୍ୱର ମେହେର ଶ୍ରୀ ମେହେରଙ୍କୁ ସମ୍ବର୍ଦ୍ଧନା ଜଣାଇ ମାନପତ୍ର ପ୍ରଦାନ କରିଥିଲେ। ଶ୍ରୀଅରବିନ୍ଦ ଦର୍ଶନ, ଭାରତୀୟ ସଂସ୍କୃତି ଓ ଗଙ୍ଗାଧର ସାହିତ୍ୟର ସେ ଜଣେ ସୁଗବେଷକ ତଥା ମନୋଜ ଦାସଙ୍କ ଗଳ୍ପ ଉପରେ ଗବେଷଣା କରି ଉଚ୍ଚ ପ୍ରଶଂସିତ ହୋଇଛନ୍ତି। ତାଙ୍କ ରଚିତ ପୁସ୍ତକ ମନୋଜ ଦାସଙ୍କ ଗଳ୍ପରେ ଦିବ୍ୟ ଜୀବନ, ଶ୍ରୀଅରବିନ୍ଦ ଦର୍ଶନ ଓ ଭାରତୀୟ ସାହିତ୍ୟ, ସତ୍ୟାଗ୍ରହୀ ଜମ୍ବୁବତୀ, ଦିବ୍ୟ ମାନବ ଶ୍ରୀଅରବିନ୍ଦ ତଥା କବି ଗଙ୍ଗାଧର ମେହେରଙ୍କ ତପସ୍ୱିନୀ, କୀଚକ ବଧ, ଗଙ୍ଗାଧର ଗ୍ରନ୍ଥାବଳୀ ସଂପାଦନା କରି ଅନେକ ଯଶର ଅଧିକାରୀ ହୋଇପାରିଛନ୍ତି। ବିଶ୍ୱବିଦ୍ୟାଳୟର ଅନେକ ଛାତ୍ରଛାତ୍ରୀ ଗବେଷକଗବେଷିକା ତାଙ୍କ ଅଧୀନରେ ଗବେଷଣା କରି କୃତିତ୍ୱ ଅର୍ଜନ କରିଛନ୍ତି। ପୁଣି ତାଙ୍କୁ ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ ପରିପ୍ରେକ୍ଷୀରେ ଭୁବନେଶ୍ୱର ସ୍ଥିତ ରମାଦେବୀ ବିଶ୍ୱବିଦ୍ୟାଳୟ ଠାରେ ପ୍ରଖ୍ୟାତ ଓଡ଼ିଆ କଥାଶିଳ୍ପୀ ଗୌରହରି ଦାସ ଓ ରାଜଗାଙ୍ଗପୁର ମହିଳା ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରଫେସର ବିପିନ ଚୌଧୁରୀ ତାଙ୍କୁ ସମ୍ବର୍ଦ୍ଧନା ଜଣାଇଛନ୍ତି।



## ବିବାଦୀୟ ବିଦ୍ୟୁତ୍ ବିଲ୍‌ର ସମାଧାନ ପାଇଁ ଅଭିଯୋଗ ଶୁଣାଣି ଶିବିର

**ବୁର୍ଲା, ୯।୨(ସମିସ):** ଟିପିଡବ୍ଲୁଡିଏଲ୍ ଏକ ଅଗ୍ରଣୀ ବିଦ୍ୟୁତ୍ ବିତରଣ କମ୍ପାନୀ ଭାବେ ପଶ୍ଚିମ ଓଡ଼ିଶାର ବିଭିନ୍ନ ଜିଲ୍ଲାରେ ସ୍ଥିର, ନିରବଚ୍ଛିନ୍ନ, ଗୁଣାତ୍ମକ ଏବଂ ସ୍ୱଚ୍ଛ ବିଦ୍ୟୁତ୍ ସେବା ଯୋଗାଇ ଦେବା ଲାଗି କେତେକ ଲୋକାଭିମୁଖୀ ପଦକ୍ଷପ ହାତକୁ ନେଇଛି। ଏହି ଧାରାରେ ବିଦ୍ୟୁତ୍ ଉପଭୋକ୍ତାଙ୍କ ବିବାଦୀୟ ବିଦ୍ୟୁତ୍ ବିଲ୍‌ର ସଂଶୋଧନ ଲାଗି ଟିପିଡବ୍ଲୁଡିଏଲ୍ ପକ୍ଷରୁ ସମ୍ବଲପୁର, ଝାରସୁଗୁଡ଼ା ଏବଂ ଦେବଗଡ଼ ଜିଲ୍ଲାର ବିଭିନ୍ନ ଅଞ୍ଚଳରେ ଚଳିତ ଫେବୃୟାରୀ ମାସରେ ଏକ ବିଶେଷ ଅଭିଯୋଗ ପ୍ରତିବିଧାନ ପୀଠର ଆୟୋଜନ କରାଯାଉଛି। ଜିଲ୍ଲା ଏବଂ ସହରର ସମସ୍ତ ବିଦ୍ୟୁତ୍ ଉପଭୋକ୍ତା ନିଜ ନିଜ ଅଞ୍ଚଳରେ ଉପସ୍ଥିତ ରହି ନିଜର ବାକିଥିବା ବିବାଦୀୟ ବିଦ୍ୟୁତ୍ ବିଲ୍‌କୁ ନେଇ ଅଭିଯୋଗ ପଞ୍ଜୀକୃତ ତଥା ସମାଧାନ କରିବା ପାଇଁ ବିଭାଗ ପକ୍ଷରୁ ଅନୁରୋଧ କରାଯାଇଛି। ୧୩ ଫେବୃଆରୀରେ ହାତୀବାରି ସ୍ଥିତ ସେକ୍ସନ ଅଫିସରେ, ୧୫ ଫେବୃୟାରୀ ଗୋଶାଳା ସ୍ଥିତ ସେକ୍ସନ ଅଫିସ୍‌ରେ ଆୟୋଜିତ ହେବାକୁ ଥିବା ବିଶେଷ ଅଭିଯୋଗ ପ୍ରତିବିଧାନ ପୀଠରେ ଉପସ୍ଥିତ ରହିବାକୁ ଅନୁରୋଧ କରିଛନ୍ତି। ସେହିପରି ଝାରସୁଗୁଡ଼ା ଜିଲ୍ଲାର ବିଦ୍ୟୁତ୍ ଉପଭୋକ୍ତାମାନେ ଆସନ୍ତା ୧୬ ତାରିଖ ଟିପିଡବ୍ଲୁଡ଼ିଏଲର ଝାରସୁଗୁଡ଼ା ଡିଭିଜନ ଅଫିସରେ, ୧୭ରେ ପଞ୍ଚଗାଁ ସ୍ଥିତ ସେକ୍ସନ ଅଫିସରେ, ୨୬ରେ ବନ୍ଧବାହଲ ଏବଂ ବେଲପାହାଡ ସ୍ଥିତ ସେକ୍ସନ ଅଫିସରେ ଏବଂ ୨୮ ତାରିଖରେ ଜମନକିରା ଏବଂ କୁଚିଣ୍ଡା ସେକ୍ସନ ଅଫିସରେ ଆୟୋଜିତ ହେଉଥିବା ବିଶେଷ ଅଭିଯୋଗ ପ୍ରତିବିଧାନ ପୀଠରେ ଉପସ୍ଥିତ ରହି ବାକିଥିବା ବିବାଦୀୟ ବିଦ୍ୟୁତ୍ ବିଲକୁ ନେଇ ଅଭିଯୋଗ ପଞ୍ଜୀକୃତ ତଥା ସମାଧାନ କରିପାରିବେ। ସେହିପରି ଭାବେ ଦେବଗଡ଼ ଜିଲ୍ଲାରେ ଆସନ୍ତା ୨୧ତାରିଖ ତେଲେଇବଣୀ ସ୍ଥିତ ସେକ୍ସନ ଅଫିସରେ, ୨୨ ଫେବୃଆରୀ ଦେବଗଡ଼ ଏବଂ ବାରକୋଟ୍ ସ୍ଥିତ ସେକ୍ସନ ଅଫିସରେ ଅଭିଯୋଗ ପ୍ରତିବିଧାନ ପୀଠରେ ବିବାଦୀୟ ବିଦ୍ୟୁତ୍ ବିଲକୁ ନେଇ ଅଭିଯୋଗ ପଞ୍ଜୀକୃତ ତଥା ସମାଧାନ କରିପାରିବେ।

### ■ ମହାନଦୀ ହାଫ୍ ମାରାଥନ୍

## ଦୌଡ଼ ନୁହେଁ; ଏହା ଫିଟ୍‌ନେସ୍, ଏକତା ଭାବନାର ଉତ୍ସବ

**ସମ୍ବଲପୁର: ୯।୨(ସମିସ):** ଆସନ୍ତା ଫେବୃଆରୀ ୧୧ ତାରିଖରେ ଜିଲ୍ଲା ପ୍ରଶାସନ ପକ୍ଷରୁ ମହାନଦୀ ହାଫ୍ ମାରାଥନ୍ ଆୟୋଜନ କରାଯାଉଛି। କ୍ରୀଡ଼ାପ୍ରେମୀଙ୍କୁ ଉତ୍ସାହିତ କରିବା ସହ ସ୍ୱାସ୍ଥ୍ୟ, ସମ୍ପ୍ରଦାୟ ଓ ମହାନଦୀ ପ୍ରତି ସାମୁହିକ ପ୍ରତିବଦ୍ଧତା ସୃଷ୍ଟି କରିବା ଉଦ୍ଦେଶ୍ୟ ନେଇ ଏହି ହାଫ୍ ମାରାଥନ ଆୟୋଜନ କରାଯାଉଛି ବୋଲି ଖବରଦାତା ସମ୍ମିଳନୀରେ ଜିଲ୍ଲାପାଳ ଅକ୍ଷୟ ସୁନୀଲ ଅଗ୍ରୱାଲ କହିଛନ୍ତି। ମହାନଦୀ ସର୍ବଦା ଗତିଶୀଳ ରହିଛି, ସେମିତି ଆମେ ବି ଗତିଶୀଳ ହୋଇ ସୁସ୍ଥ ଜୀବନଶୈଳୀ ଅବଲମ୍ବନ କରିବା ବୋଲି କହିଥିଲେ। ମାରାଥନ ପାଇଁ ଅନ୍‌ଲାଇନରେ ପଞ୍ଜୀକରଣ ସରିଯାଇଥିବା ବେଳେ ଅଫ୍‌ଲାଇନରେ ପଞ୍ଜୀକରଣ ଜାରି ରହିଛି। ଏହାଛଡ଼ା ଉକ୍ତ ଦିନ ମଧ୍ୟ ଅଫଲାଇନ ପଞ୍ଜୀକରଣ କରାଯିବ ବୋଲି ସୂଚନା ଦିଆଯାଇଛି। ମାରାଥନ୍ ପାଇଁ ୨୧କିମି, ୧୦କିମି, ୫ କିମି ଏବଂ ୧ କିମି ରହିବ। ଏହି ମାରାଥନ୍‌ର ମାର୍ଗ ମାଁ ସମଲେଇ ପୀଠରୁ ଆରମ୍ଭ ହୋଇ ନେଲସନ ମଣ୍ଡେଲା ଛକ ବ୍ରିଜ୍ ପାର କରି ଚାଉଁରପୁର-ଘଣ୍ଟେଶ୍ୱରୀ ମନ୍ଦିର ରାସ୍ତା ପର୍ଯ୍ୟନ୍ତ ରହିଛି। ସେଥି ନିମନ୍ତେ ସ୍ଥାନେ ସ୍ଥାନେ ପ୍ରଶାସନ ତରଫରୁ ଟ୍ୱଏଲେଟ୍, ସ୍ୱାସ୍ଥ୍ୟ ଟିମ୍, ପାନୀୟ ଜଳ ସମେତ ଅନ୍ୟ ସମସ୍ତ ଆନୁସଙ୍ଗିକ ବ୍ୟବସ୍ଥା କରାଯାଇଛି। ଏହି ମାରାଥନରେ ଅଧିକ ଯୁବବର୍ଗ ସାମିଲ ପାଇଁ ଆହ୍ୱାନ କରାଯାଇଛି। ସୂଚନା ଯେ, ମହାନଦୀ ହାଫ୍ ମାରାଥନ ଆସନ୍ତା ୧୧ ତାରିଖ ସକାଳ ୬ ଘଟିକା ଠାରୁ ମା ସମଲେଇ ପୀଠ ପାଖରୁ ଆରମ୍ଭ ହେବ। ସମ୍ମିଳନୀରେ ସମ୍ବଲପୁର ମହାନଗର ନିଗମ କମିଶନର ବେଦଭୂଷଣ, ଅତିରିକ୍ତ ଜିଲ୍ଲାପାଳ ଅଜାମ୍ବର ମହାନ୍ତି, ଆଇଏଏସ୍ ପ୍ରବେଶନାରୀ ସ୍ନେହା ଅରୁଗୁଲା, ଅତିରିକ୍ତ ଏସପି ହରେଶ ଚନ୍ଦ୍ର ପାଣ୍ଡେ ପ୍ରମୁଖ ଉପସ୍ଥିତ ଥିଲେ।



## ବିଭିନ୍ନ ଦାବି ନେଇ ବୁର୍ଲା ଏମ୍‌ସିଏଲ୍‌ରେ ଗଣଧାରଣା

**ସମ୍ବଲପୁର, ୯।୨(ସମିସ):** ଅନୁଗୁଳର ବାଲୁଙ୍ଗା ଗ୍ରାମ କମିଟି ପକ୍ଷରୁ ଆଜି ବୁର୍ଲା ଏମ୍‌ସିଏଲ୍ କାର୍ଯ୍ୟାଳୟ ମୁଖ୍ୟାଳୟ ସମ୍ମୁଖରେ ସିଲୋ ସିଏଚ୍‌ପି ଶ୍ରମିକଙ୍କୁ ଏଚ୍‌ପିସି ମଜୁରୀ ଓ ସ୍ଥାନୀୟ ବେକାର ଯୁବକଙ୍କୁ ନିଯୁକ୍ତି ଦାବିରେ ଧାରଣା ଦିଆଯାଇଛି। ତାଳଚେର ଅଞ୍ଚଳର ଥିବା ଲିଙ୍ଗରାଜ କୋଇଲା ଖଣି ଦ୍ୱାରା ବିସ୍ଥାପିତ ଗ୍ରାମ ଓ ଖଣି ନିକଟସ୍ଥ ଅଞ୍ଚଳର କ୍ଷତିଗ୍ରସ୍ତ ବେକାର ଯୁବକ ଯୁବତୀମାନଙ୍କୁ ଘରୋଇ କମ୍ପାନୀ ଗୁଡ଼ିକରେ ଅଗ୍ରାଧିକାର ଭିତ୍ତିରେ ନିଯୁକ୍ତି ପ୍ରଦାନ କରାଯିବାକୁ ଦାବି କରାଯାଇଛି। ଏଥିସହ ଜାନୁୟାରୀ ମାସ ଶେଷ ସୁଦ୍ଧା ଏଚ୍‌ପିସି ମଜୁରୀ ଓ ନିଯୁକ୍ତି ଦିଆଯିବାକୁ ନିଷ୍ପତ୍ତି ନିଆଯାଇଥିଲେ ମଧ୍ୟ ଆଜି ପର୍ଯ୍ୟନ୍ତ କାର୍ଯ୍ୟକାରୀ କରାଯାଇ ନାହିଁ। ଏପରିକି ସିଲୋ ଓ ସିଏଚ୍‌ପିର ସମସ୍ତ ଠିକା ଶ୍ରମିକ ମାନଙ୍କୁ ଦୈନିକ ଏଚ୍‌ପିସି ମଜୁରୀ ଓ ଅନ୍ୟାନ୍ୟ ସମସ୍ତ ସୁବିଧା ସୁଯୋଗ ଯୋଗାଇ ଦେବାକୁ ନିଷ୍ପତ୍ତି ନେଇଥିଲେ ମଧ୍ୟ ଆଜିପର୍ଯ୍ୟନ୍ତ ତାହା କାର୍ଯ୍ୟକାରୀ କରାଯାଇ ନାହିଁ। ଏଣୁ ଏହି ସବୁ ଦାବି ପୂରଣ ନେଇ ଏମ୍‌ସିଏଲ ମୁଖ୍ୟାଳୟ ସମ୍ମୁଖରେ ଧାରଣା ଦିଆଯାଇଛି।




## ରାସ୍ତା ମରାମତି ଦାବି କଲେ ପରମାନନ୍ଦ ନଗରବାସୀ



**ସମ୍ବଲପୁର, ୯।୨ (ସମିସ):** ସମ୍ବଲପୁର ମହାନଗର ନିଗମକୁ ଏନଏସସିବି କଲେଜ ଛକ ପରମାନନ୍ଦ ନଗର ୱାର୍ଡ ନମ୍ବର ୩୮ ଅର୍ନ୍ତଗତ ଧନୁପାଲି ପଟକୁ ରାସ୍ତା ବହୁତ ଖରାପ ରହିଛି। ଲୋକମାନଙ୍କୁ ଯିବା ଆସିବାରେ ବହୁତ ସମସ୍ୟା ହେଉଛି। ଏହି ରାସ୍ତାର ମରାମତି କରିବାକୁ ଏସଏମସି କମିଶନର ବେଦ ଭୂଷଣକୁ ଭେଟି ଦାବି କରିଛନ୍ତି। କଲୋନୀର ଆନନ୍ଦ ଭୋଇ, ପ୍ରତାପ କୁମାର ପୃଷେଟ, ଉଦ୍ଧବ କିଣ୍ଡୋ, ସୁରେଶଚନ୍ଦ୍ର ବାଗ, ରଞ୍ଜନ ମିର୍ଦ୍ଧା, ସୁବାଶିନି ଭୋଇ, ଲିଲିମା ମାଝୀ ପ୍ରମୁଖ ଉପସ୍ଥିତ ରହିଥିଲେ।

## ସୋନପୁର-ପୁରୀ ଏକ୍ସପ୍ରେସ୍‌କୁ ସୋନପୁର ଷ୍ଟେସନରେ ଭବ୍ୟ ସ୍ୱାଗତ

**ସମ୍ବଲପୁର, ୯।୨(ସମିସ):** ସୋନପୁର ରେଳ ଷ୍ଟେସନରେ ଆଜି ସୋନପୁର-ପୁରୀ ସାପ୍ତାହିକ ଏକ୍ସପ୍ରେସ୍‌ର ପ୍ରାରମ୍ଭିକ ଚଳାଚଳ ଦିବସରେ ସୁବର୍ଣ୍ଣପୁର ଜିଲ୍ଲାର ଲୋକମାନେ ଉଭୟ ଟ୍ରେନ ଓ ଯାତ୍ରୀମାନଙ୍କୁ ଭବ୍ୟ ସ୍ୱାଗତ କରିଛନ୍ତି। ଏହି ଟ୍ରେନ୍ ପଶ୍ଚିମ ଓଡ଼ିଶାର ଚାରୋଟି ଜିଲ୍ଲା ଯଥା ସୋନପୁର, ବଲାଙ୍ଗୀର, ବରଗଡ଼ ଏବଂ ସମ୍ବଲପୁର ସହିତ ପୁରୀ, ଖୋର୍ଦ୍ଧା, କଟକ, ଢେଙ୍କାନାଳ ଓ ଅନୁଗୁଳ ଜିଲ୍ଲାକୁ ସଂଯୋଗ କରୁଛି। ଏହି ଅଞ୍ଚଳର ଛାତ୍ର, କୃଷକ, ତୀର୍ଥଯାତ୍ରୀ ଏବଂ ବ୍ୟବସାୟୀମାନଙ୍କୁ ଲାଭ ପ୍ରଦାନ କରିବ। ପୁରୀ-ସୋନପୁର ଏକ୍ସପ୍ରେସ ପୁରୀ ଷ୍ଟେସନରୁ ପ୍ରତି ଗୁରୁବାର ଦିନ ଏବଂ ସୋନପୁରରୁ ପ୍ରତି ଶୁକ୍ରବାର ଦିନ ଯାତ୍ରା କରିବ। ଗୁରୁବାର ଦିନ ସନ୍ଧ୍ୟା ୭.୩୫ରେ ପୁରୀ ଛାଡି ସୋନପୁରରେ ଶୁକ୍ରବାର ସକାଳ ୫.୩୦ରେ ପହଞ୍ଚିବ। ଫେରିବା ମାର୍ଗରେ ଏହି ଟ୍ରେନ ସୋନପୁରରୁ ଶୁକ୍ରବାର ସନ୍ଧ୍ୟା ୭.୩୦ରେ ଛାଡି ଶନିବାର ଦିନ ସକାଳ ୬.୫୫ରେ ପୁରୀରେ ପହଞ୍ଚିବ। ପୁରୀ ଓ ସୋନପୁର ମଧ୍ୟରେ ଖୋର୍ଦ୍ଧା ରୋଡ଼, ଭୁବନେଶ୍ୱର, ନାରାଜ, ମାର୍ଥାପୁର, ଢେଙ୍କାନାଳ, ତାଳଚେର, ଅନୁଗୁଳ, ବଇଣ୍ଡା, ରେଢ଼ାଖୋଲ, ସମ୍ବଲପୁର, ବରଗଡ଼ ରୋଡ, ବଲାଙ୍ଗୀର, ବିଚ୍ଛୁପାଲି, ଝାରତରଭା, ନରସିଂହଗଡ଼ ଷ୍ଟେସନମାନଙ୍କରେ ରହଣି କରିବ। ଗତ ୩ ତାରିଖରେ ସମ୍ବଲପୁରରୁ ଭିଡିଓ କନଫରେନ୍ସିଂ ମାଧ୍ୟମରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏହି ଟ୍ରେନର ଶୁଭାରମ୍ଭ କରିଥିଲେ। ସମ୍ବଲପୁରର ନାଗରିକ ସମାଜ ସମେତ ସାଧାରଣ ଲୋକମାନେ ସୋନପୁର ରେଳ ଷ୍ଟେସନରେ ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ କରି ଉଭୟ ଟ୍ରେନ ଓ ଯାତ୍ରୀମାନଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା କରିଥିଲେ।




## ଅଲିଭାଙ୍କ ପ୍ରକଳ୍ପର ପ୍ରଶଂସା କଲେ ପ୍ରଧାନମନ୍ତ୍ରୀ

**ସମ୍ବଲପୁର, ୯।୨(ସମିସ):** ନୂଆଦିଲ୍ଲୀ ଠାରେ ହୋଇଥିବା 'ପରୀକ୍ଷା ପେ ଚର୍ଚ୍ଚା' କାର୍ଯ୍ୟକ୍ରମରେ ସମ୍ବଲପୁର କେନ୍ଦ୍ରୀୟ ବିଦ୍ୟାଳୟ -୨ ର ଅଷ୍ଟମ ଶ୍ରେଣୀ ଛାତ୍ରୀ ଅତିଭା ପାଣିଗ୍ରାହୀ ଯୋଗଦେଇ ବିଦ୍ୟାଳୟର ଗୌରବ ବୃଦ୍ଧି କରିଛନ୍ତି। ୨୦୧୪ ମସିହା ଫେବୃଆରୀ ୮ ତାରିଖରେ ସମ୍ବଲପୁର ହୀରାକୁଦ ଡ୍ୟାମ୍‌ରେ ହୃଦୟବିଦାରକ ଡଙ୍ଗାବୁଡି ଘଟଣା ଘଟି ୩୨ଜଣଙ୍କ ପ୍ରାଣହାନୀ ହୋଇଥିଲା। ଆଗକୁ ଆଉ ଯେପରି ଏପରି ଘଟଣା ନ ଘଟେ ସେ ଉପରେ ଛାତ୍ରୀ ଅତିଭା ଏକ ପ୍ରକଳ୍ପ ନିର୍ମାଣ କରିଥିଲେ। ଏହା ଦେଖି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଓ କେନ୍ଦ୍ର ଶିକ୍ଷା ଓ ଦକ୍ଷତା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଛାତ୍ରୀଙ୍କ ଉଚ୍ଚ ପ୍ରଶଂସା କରିଥିଲେ। ଆଜି ସମ୍ବଲପୁର ଜାଗରଣ ସଂସ୍ଥା ପକ୍ଷରୁ ସଭାପତି ସୁଧୀର ରଞ୍ଜନ ବହିଦାରଙ୍କ ନେତୃତ୍ୱରେ ଏକ ପ୍ରତିନିଧି ମଣ୍ଡଳ ତାଙ୍କ ବାସଗୃହକୁ ଯାଇ ସମ୍ବର୍ଦ୍ଧିତ କରିଥିଲେ। ଏହି ଅବସରରେ ଆଦିତ୍ୟ ପୁରୋହିତ, ଜୟନ୍ତ ମହାପାତ୍ର, ଶିବୁନ ଜେନା, ସଞ୍ଜିବ ହୋତା, ଚନ୍ଦନ ସାମଲ ପ୍ରମୁଖ ଉପସ୍ଥିତ ଥିଲେ। ଅତିଭା ଏହି ପ୍ରକଳ୍ପକୁ ଭୁବନେଶ୍ୱର ଆଇଆଇଟିରେ ପ୍ରଦର୍ଶିତ କରିବାକୁ ଯାଉଛନ୍ତି।



### ■ ପ୍ରାଣୀ ଚିକିତ୍ସକଙ୍କ ଆନ୍ଦୋଳନର ପ୍ରଭାବ

## ଫାର୍ମ କରି ସବ୍‌ସିଡି ପାଇବାରେ ବିଫଳ ଅଭିଯୋଗ

**ସମ୍ବଲପୁର, ୯।୨(ସମିସ):** ବିଭିନ୍ନ ଦାବି ନେଇ ଦୀର୍ଘଦିନ ଧରି ପ୍ରାଣୀ ଚିକିତ୍ସକମାନେ ଆନ୍ଦୋଳନକୁ ଓହ୍ଲାଇଛନ୍ତି। ଫଳରେ ପ୍ରାଣୀ ସମ୍ପଦଙ୍କ ଚିକିତ୍ସାରେ ବାଧା ସୃଷ୍ଟି ହେଉଛି। ଏମାନଙ୍କ ଆନ୍ଦୋଳନ ଯୋଗୁ ସବ୍‌ସିଡ଼ି ମିଳିପାରୁ ନ ଥିବା ଅଭିଯୋଗରେ ଆଜି ଏସ୍‌ଏଚ୍‌ଜି ସଭ୍ୟାମାନେ ସାକ୍ଷୀପଡ଼ା ସ୍ଥିତ ଜିଲ୍ଲା ମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀଙ୍କ କାର୍ଯ୍ୟାଳୟକୁ ଆସି ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ରେଙ୍ଗାଲି, ମାନେଶ୍ୱର, ଯୁଯୁମୁରା ଓ ଜମନକିରା ବ୍ଲକର ବିଭିନ୍ନ ଏସ୍‌ଏଚ୍‌ଜିର ସଭ୍ୟା କହିଛନ୍ତି ଯେ, ସରକାରଙ୍କ ପକ୍ଷରୁ ଜୀବନ ଜୀବିକା ପ୍ରକଳ୍ପ ନେଇ ସେମାନଙ୍କୁ କୁକୁଡ଼ା ଓ ଛେଳି ପାଳନ ପାଇଁ ସବ୍‌ସିଡିରେ ବ୍ୟାଙ୍କରୁ ଋଣ ମିଳିବାର ଥିଲା। କିନ୍ତୁ ବର୍ତ୍ତମାନ ଜିଲ୍ଲାରେ ପ୍ରାଣୀ ଚିକିତ୍ସିକଙ୍କ ସମୁହ ଆନ୍ଦୋଳନ ଯୋଗୁ ସେମାନଙ୍କୁ ସବ୍‌ସିଡି ମିଳିବାରେ ସମସ୍ୟା ହେଉଛି। ବ୍ଲକସ୍ତରୀୟ ଭେରିଫିକେସନ ଅଭାବ ଯୋଗୁଁ ସବ୍‌ସିଡି ମିଳିପାରୁ ନଥିବା ଅଭିଯୋଗ ହେଉଛି। ଏଣୁ ଆଜି ଜିଲ୍ଲା ମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀ ଡାକ୍ତର ପର୍ଶୁରାମ ପଣ୍ଡାଙ୍କୁ ସାକ୍ଷାତ କରି ଏନେଇ ଏକ ଦାବିପତ୍ର ପ୍ରଦାନ କରିଥିଲେ।



### ବୁର୍ଲାରେ ପହଞ୍ଚିଲେ ଡ.ପିକେ ମିଶ୍ର

## ସୁଇଟ ମହାବିଦ୍ୟାଳୟର ପ୍ରତିଷ୍ଠା ଦିବସରେ ଯୋଗଦେବେ

**ବୁର୍ଲା, ୯।୨ (ସମିସ):** ବୁର୍ଲାସ୍ଥିତ ଏମସିଏଲରେ ପହଞ୍ଚିଲେ ପ୍ରଧାନମନ୍ତ୍ରୀଙ୍କ ପ୍ରମୁଖ ସଚିବ ଡ. ପ୍ରମୋଦ କୁମାର ମିଶ୍ର। ସେ ଆଜି ବୁର୍ଲା ଏମସିଏଲରେ ଅବସ୍ଥାନ କରିଛନ୍ତି। ସମ୍ବଲପୁର ବିଶ୍ୱବିଦ୍ୟାଳୟ ଅଧିନରେ ଥିବା ସୁଇଟ ମହାବିଦ୍ୟାଳୟର ୧୪ ତମ ପ୍ରତିଷ୍ଠା ଦିବସରେ ଯୋଗଦାନ କରିବାର କାର୍ଯ୍ୟକ୍ରମ ରହିଛି। ଏହା ପୂର୍ବରୁ ସମ୍ବଲପୁର ବିଶ୍ୱବିଦ୍ୟାଳୟର ବିଜୁ ପଟ୍ଟନାୟକ ଅଡୋଟେରିୟମରେ ସମ୍ବଲପୁର ବିଶ୍ୱବିଦ୍ୟାଳୟ ଓ ଓଡ଼ିଶା ଇକୋନୋମିକ ଆସୋସିଏସନ ପକ୍ଷରୁ ଆୟୋଜିତ ହେବାକୁଥିବା ୫୬ ତମ ବାର୍ଷିକ ସମ୍ମିଳନୀରେ ମୁଖ୍ୟ ଅତିଥିଭାବେ ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ସୂଚନା ଅନୁସାରେ ସମ୍ବଲପୁର ବିଶ୍ୱବିଦ୍ୟାଳୟର ଅର୍ଥନୀତି ବିଭାଗ ପକ୍ଷରୁ ଓଡ଼ିଶା ଅର୍ଥନୈତିକ ସଂଘର ୫୬ତମ ବାର୍ଷିକ ସମ୍ମିଳନୀ ଫେବୃଆରୀ ୧୦ରୁ ୧୧ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ଏହି ସମ୍ମିଳନୀରେ ପାଖାପାଖି ୩୦୦ ପ୍ରତିନିଧି ଯୋଗ ଦେବାକୁ ଯାଉଛନ୍ତି। ଓଡ଼ିଶାର ପୂର୍ବତନ ମୁଖ୍ୟ ଶାସନ ସଚିବ ଡ. ଯୁଗଳ କିଶୋର ମହାପାତ୍ର ସଂଘର ସଭାପତି ଅଛନ୍ତି। ଏକ ଅନିଶ୍ଚିତ ବିଶ୍ୱରେ ସ୍ଥାୟୀ ଅଭିବୃଦ୍ଧି ପାଇଁ ପଥ ଏବଂ ଓଡ଼ିଶାର ସାମାଜିକ କ୍ଷେତ୍ରରେ ଉଦୀୟମାନ ପ୍ରସଙ୍ଗ ହେଉଛି ଏହି ସମ୍ମିଳନୀର ବିଷୟବସ୍ତୁ।

# ଲୋକଙ୍କ ଟଙ୍କାରେ ମହୋତ୍ସବ: କଳାକାରଙ୍କୁ ଅସମ୍ମାନ

ସମ୍ବଲପୁର, ୯।୨(ସମିସ)

ସମ୍ବଲପୁରର କଳା ସଂସ୍କୃତି, ପରମ୍ପରା, ଐତିହ୍ୟର ପ୍ରଚାରପ୍ରସାର କରିବା ତଥା ନୂତନ କଳକାରଙ୍କୁ ସୁଯୋଗ ଦେବା ନେଇ ସମ୍ବଲପୁର ମହୋତ୍ସବ ଆୟୋଜନ କରାଯାଉଛି ବୋଲି କମିଟି କହୁଥିବା ବେଳେ କଳାକାରମାନେ ସେମାନଙ୍କୁ ଦୁର୍ବ୍ୟବହର କରଯାଉଥିବା ଅଭିଯୋଗ କରିଛନ୍ତି। ବିଭିନ୍ନ କମ୍ପାନୀରୁ ଟଙ୍କା ଆଣି ଏହି ମହୋତ୍ସବ କରାଯାଉଛି। ଲୋକଙ୍କ

### ଏସ୍‌ପିଙ୍କ ଠାରେ ଅଭିଯୋଗ

ଟଙ୍କାରେ ମହୋତ୍ସବ ହେଉଛି ହେଲେ କଳକାରଙ୍କୁ ମଞ୍ଚ ଉପରେ ଅସମ୍ମାନିତ କରାଯାଉଛି। ଗତକାଲି ଆୟୋଜକ ସଦସ୍ୟ ସପନ ମିଶ୍ର କଳକାରଙ୍କୁ ଦୁର୍ବ୍ୟବହାର କରି ମଞ୍ଚରୁ ତଡି ଦେଇଥିବା ଅଭିଯୋଗ ଆଣିଛନ୍ତି କଳାକାର। ଆଜି ସାମ୍ବାଦିକ ଭବନରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଗତକାଲି ଘଟଣାକୁ ନେଇ ସୂଚନା ଦେବା ସହ ଏସପିଙ୍କୁ ମଧ୍ୟ ଲିଖିତ ଭାବେ ଅଭିଯୋଗ କରିଛନ୍ତି। ଅଭିଯୋଗ କ୍ରମେ ଗତକାଲି ପିଏଚଡି ପଡ଼ିଆରେ ସମ୍ବଲପୁର ମହୋତ୍ସବ ଆରମ୍ଭ ହୋଇଛି। ଏହି କାର୍ଯ୍ୟକ୍ରମରେ କାର୍ଯ୍ୟକ୍ରମର ମୁଖ୍ୟ ସଦସ୍ୟ ସପନ ମିଶ୍ର ଆମକୁ ନିମନ୍ତ୍ରଣ କରିଥିଲେ। ହେଲେ ମଞ୍ଚ ଉପରେ ଗାଳିଗୁଲଜ କରିବା, ଦୁର୍ବ୍ୟବହାର କରିଥିଲେ। ଯାହାକି ଜଣେ କଳାକାରଙ୍କ ହିସାବରେ ଆଘାତ ଲାଗିଛି। ତାଙ୍କ ଅନୁରୋଧ କ୍ରମେ ଆମ ଟିମ ବିନା ମୁଲ୍ୟରେ ଫେସନ ଶୋ କରିବାକୁ ଆସିଥିଲୁ। ଷ୍ଟେଜରେ ପରିବେଷଣ କରୁଥିବା ସମୟରେ ହଠାତ୍ ମିଶ୍ର ଆମ ଗ୍ରୁପକୁ ଦୁର୍ବ୍ୟବହାର କରି ମଞ୍ଚରୁ ତଡି ଦେଇଥିଲେ। ଆମ ଦଳର ପ୍ରତ୍ୟେକ କଳାକାରଙ୍କୁ ଅପମାନିତ କରାଯାଇଥିଲା। ଏହି ମହୋତ୍ସବରେ ସମ୍ବଲପୁର ସମେତ ପଡେଶୀ ଜିଲ୍ଲାର କେତେକ କମ୍ପାନି, ବ୍ୟବସାୟୀଙ୍କ ଠାରୁ ଟଙ୍କା ଆଦାୟ କରାଯାଉଛି। ଅନୁଷ୍ଠାନ କରି ଟଙ୍କା ଆଦାୟ ହେଉଛି। କମ୍ପାନୀର ସିଏସଆର ଟଙ୍କା ଏହି କାର୍ଯ୍ୟକ୍ରମ ପାଇଁ ଦିଆଯାଉଛି। କଳକାରମାନଙ୍କୁ ନିମନ୍ତ୍ରଣ ସମୟରେ ଟଙ୍କାର ଅଭାବ ରହୁଛି ପାଉଣା ଦିଆଯିବ ନାହିଁ ବୋଲି କୁହାଯାଉଛି। କଳକାରମାନଙ୍କୁ ନିଜର ପ୍ରତିଭା ଦେଖାଇବା ପାଇଁ ମଞ୍ଚର ଆବଶ୍ୟକ ପଡ଼ିଥାଏ ତେଣୁ ବିନା ମୂଲ୍ୟରେ ଆମେ କାର୍ଯ୍ୟକ୍ରମରେ ଯୋଗ ଦେଉଥିଲୁ। ହେଲେ ପାଉଣା ତ ଦିଆଗଲା ନାହିଁ ଓଲଟା ଦୁର୍ବ୍ୟବହାର କରାଗଲା ବୋଲି କହିଥିଲେ। ଖବରଦାତା ସମ୍ମିଳନୀରେ ଚୈତନ୍ୟ ନାୟକ, ମୀନାକ୍ଷୀ ରାଉତ, ଫୈଜାନ ଅହମ୍ମଦ, ସହେଦ ନାୟର ପ୍ରମୁଖ ଉପସ୍ଥିତ ରହିଥିଲେ।



# ଆର୍‌ଆଇ ଅଫିସ ଘେରାଉ

**ଦେବଗଡ଼, ୯ ।୨(ସମିସ):** ଜିଲ୍ଲା କୃଷକ ସଂଘର୍ଷ ସଂଘ ପକ୍ଷରୁ ରିଆମାଳ ବ୍ଲକ କରଲଗା ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟ ଘେରାଉ କରାଯାଇଛି । ସେମ ହେମ୍ବ୍ରମଙ୍କ ନେତୃତ୍ୱରେ ଗୁଣନିଧି ବେହେରା, ଗିରିଧାରୀ ପ୍ରଧାନ, କୃଷ୍ଣଚନ୍ଦ୍ର ସାମଲ, ସୁରେଶ ଚନ୍ଦ୍ର ସାହୁ, ଲମ୍ବୋଦର ମାଝୀ, ଜଗଦାନନ୍ଦ ବାଗ, ଭୋଲେଶ୍ୱର ପ୍ରଧାନ, ଚନ୍ଦ୍ରମଣି ବେହେରା, ଭୀଷ୍ମ ସାହୁ ଓ ଧ୍ରୁବ ଚରଣ ନାଏକଙ୍କ ସମେତ କରଲଗା ରାଜସ୍ୱ ମଣ୍ଡଳର କରଲଗା, ଉଟୁଣୀଆ, ଓ କଣ୍ଟାବାହାଲ ଗ୍ରାମରୁ ଶତାଧିକ ଚାଷୀ ସାମିଲ ହୋଇଥିଲେ ।



# ୪୨ବର୍ଷ ପରେ ଲକ୍ଷ୍ମୀନାରାୟଣ କଲେଜକୁ ମିଳିଲା ନିଜସ୍ୱ ଜମି

**ଝାରସୁଗୁଡ଼ା, ୯।୨(ସମିସ):** ଦୀର୍ଘ ୪୨ବର୍ଷ ପରେ ଲକ୍ଷ୍ମୀନାରାୟଣ କଲେଜକୁ ନିଜସ୍ୱ ଜମି ମିଳିଛି । ଶୁକ୍ରବାର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ଜିଲ୍ଲାପାଳ ଅବୋଲି ସୁନିଲ ନରୱଣେ ଏହି ଜମିର ଡିଡ୍ କଲେଜ ଅଧ୍ୟକ୍ଷ ସରୋଜ କୁଅଁରଙ୍କୁ ପ୍ରଦାନ କରିଛନ୍ତି । ଏହି ଅବସରରେ କଲେଜର ଅଧ୍ୟାପକ, ଅଧ୍ୟାପିକା ଓ ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ । ପ୍ରକାଶ ଥାଉକି ୧୯୮୨ରେ ଝାରସୁଗୁଡ଼ା ଜିଲ୍ଲାର ବୁଦ୍ଧିଜୀବୀ ଓ ବ୍ୟବସାୟୀମାନଙ୍କ ମିଳିତ ଉଦ୍ୟମ କ୍ରମେ ଝାରସୁଗୁଡ଼ା ଏଜୁକେସନାଲ ୱେଲଫେୟାର ଟ୍ରଷ୍ଟ ତରଫରୁ ଏହି ମହାବିଦ୍ୟାଳୟ ସ୍ଥାପିତ ହୋଇଥିଲା । ସେତେବେଳେ କିଛି ବଦାନ୍ୟ ବ୍ୟକ୍ତି ଜମି ଦାନ କରିଥିଲେ । ଜମି ବାବଦରେ ହମିଦ ହେବା ବନ୍ଦୋବସ୍ତ କରାଯାଇଥିଲା । ପରବର୍ତ୍ତୀ ସମୟରେ ମେଜର ବନ୍ଦୋବସ୍ତକୁ ରୂପାନ୍ତରିତ ହୋଇଥିଲା । କିନ୍ତୁ ଉକ୍ତ ଟ୍ରଷ୍ଟ ପଟ୍ଟା କରିବାରେ ବିଫଳ ହୋଇଥିଲା । ଏ ସମ୍ପର୍କରେ ଛାତ୍ରୀବୃନ୍ଦ, ଅଧ୍ୟାପକ, ଅଧ୍ୟାପିକା ତଥା କଲେଜ ଅଧ୍ୟକ୍ଷ ସରୋଜ କୁଅଁର ଜିଲ୍ଲାପାଳ ଏବଂ ପ୍ରଶାସନିକ ଅଧିକାରୀଙ୍କୁ ଅବଗତ କରାଇଥିଲେ । ଜିଲ୍ଲାପାଳଙ୍କ ପ୍ରଚେଷ୍ଟାରେ ଡିଆରଏସ ମାଧ୍ୟମରେ ଜମି ଡିଡ୍ ହସ୍ତାନ୍ତର କରାଯାଇଥିଲା । ଛାତ୍ରୀ, ଅଧ୍ୟାପକ ଅଧ୍ୟାପିକା ଓ ଅଧ୍ୟକ୍ଷ ଏ ନେଇ ଜିଲ୍ଲାପାଳଙ୍କୁ ଧନ୍ୟବାଦ ଜଣାଇଛନ୍ତି



### ପଶ୍ଚିମ ଓଡ଼ିଶା ବିକାଶ ପରିଷଦର ୬୩ତମ ବୈଠକ

# ବିକାଶ ପଥରେ ଆଗଉଛି ପଶ୍ଚିମ ଓଡ଼ିଶା

**ଭୁବନେଶ୍ୱର, ୯।୨(ସମିସ)**

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସର୍ବଦା ପଶ୍ଚିମ ଓଡ଼ିଶା ବିକାଶ ପରିଷଦକୁ ପ୍ରାଧାନ୍ୟ ଦେଉଛନ୍ତି । ଏଥିପାଇଁ ପରିଷଦ ବଜେଟକୁ ୨୦୨୪-୨୫ ଆର୍ଥିକ ବର୍ଷ ପାଇଁ ୫ଶହ କୋଟି ଟଙ୍କାକୁ ବୃଦ୍ଧି କରାଯାଇଛି । ଏଥିପାଇଁ ମୁଖ୍ୟମନ୍ତ୍ରୀଙ୍କୁ ଧନ୍ୟବାଦ ଜଣାଇବା ସହ ବିକାଶ ପଥରେ ପଶ୍ଚିମ ଓଡ଼ିଶା ବୋଲି ପରିଷଦର ଅଧ୍ୟକ୍ଷ ଅସିତ୍ ତ୍ରିପାଠୀ କହିଛନ୍ତି । ଶୁକ୍ରବାର ଅନୁଷ୍ଠିତ ପରିଷଦର ୬୩ତମ ସମୀକ୍ଷା ବୈଠକରେ ଅଧ୍ୟକ୍ଷତା କରି ସେ କହିଛନ୍ତି, ୫-ଟି ଉପକ୍ରମରେ ପରିଷଦ ସର୍ବଦା ସ୍ୱଚ୍ଛତାକୁ ପ୍ରାଥମିକତା ଦେଉଛି । ଆଗକୁ ପଶ୍ଚିମ ଓଡ଼ିଶାର ୧୦ ଜିଲ୍ଲା ସମେତ ଅନୁଗୁଳ ଜିଲ୍ଲାରେ ପରିଷଦର କାର୍ଯ୍ୟାଳୟକୁ ସୁଦୃଢ଼ କରାଯିବ ବୋଲି ସେ କହିଛନ୍ତି । ପରିଷଦର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଡଃ ଅଜିତ୍ କୁମାର ମିଶ୍ର ବୈଠକରେ ଏଜେଣ୍ଡା ଉପସ୍ଥାପନ କରିଛନ୍ତି । ୨୦୨୩-୨୪ ଆର୍ଥିକ ବର୍ଷରେ ମଞ୍ଜୁର ହୋଇଥିବା ଅର୍ଥକୁ ଲୋକପ୍ରତିନିଧିଙ୍କ ସୁପାରିଶ କ୍ରମେ ବିଭିନ୍ନ ଉନ୍ନତିମୂଳକ କାର୍ଯ୍ୟ କରାଯାଇଥିବା ବୈଠକରେ ଉପସ୍ଥାପନ କରାଯାଇଛି । ଏହାସହ କାମ ଚାଲୁଥିବା ବିଭିନ୍ନ ପ୍ରକଳ୍ପ ସମ୍ପର୍କରେ ସମୀକ୍ଷା କରାଯାଇଛି । ଏହି ବୈଠକରେ ପରିଷଦର ପରାମର୍ଶଦାତା ନାରାୟଣ ସାହୁ, ବିଶେଷଜ୍ଞ ବୈକୁଣ୍ଠ ନାୟକ, ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଡ଼ ଅଜିତ୍ କୁମାର ମିଶ୍ର ଓ ବୈଷୟିକ ପରାମର୍ଶଦାତା ସୁନୀଲ କୁମାର ନାୟକ, ଅବିନାଶ ଠାକୁର, ଗତିକୃଷ୍ଣ ମିଶ୍ର, ମିତ୍ରଭାନୁ ସାହୁ, ହଂସରାଜ ଜୈନ, ସୁବୋଧ ପ୍ରଧାନ, ମନ୍ଦାକିନୀ ବାଘେଲ, ଯାଜ୍ଞସେନୀ ନାଗ୍ ପ୍ରମୁଖ ଉପସ୍ଥିତ ଥିଲେ ।

# ଲୁହାପଥର ଚୋରି ଅଭିଯୋଗରେ ଜେଲ୍ ୱାର୍ଡର ସମେତ ୪ ଗିରଫ

**ଦେବଗଡ଼, ୯ ।୨(ସମିସ):** ଦେବଗଡ଼ ଥାନା ରଞ୍ଜ ଗ୍ରାମ ନିକଟସ୍ଥ ୪୯ ନମ୍ବର ଜାତୀୟ ରାଜପଥ କଡରେ ଦୀର୍ଘ ବର୍ଷ ଧରି ଡେପୁଟି ଡାଇରେକ୍ଟର ଅଫ ମାଇନ୍ସ ପକ୍ଷରୁ ଜବତ ହୋଇଥିବା ଲୁହାପଥର ଗୁଣ୍ଡ ଚୋରାଚାଲାଣ ହେଉଥିବା ନେଇ ପୂର୍ବରୁ ଖବର ପ୍ରଚାରିତ ହୋଇଥିଲା । ବିଳମ୍ବିତ ରାତିରେ ସେହି ସ୍ଥାନରୁ ପୁଣିଥରେ ଲୁହା ପଥର ଗୁଣ୍ଡ ଚୋରି ବେଳେ ବାରକୋଟ ଥାନା ପୁଲିସ ଜଣେ ଜେଲ୍ ୱାର୍ଡରଙ୍କ ସମେତ ୪ ଜଣଙ୍କୁ ଗିରଫ କରିଛି । ଏମାନେ ହେଲେ ସୁନ୍ଦରଗଡ଼ ଜିଲ୍ଲା ବଣେଇ ସବ ଜେଲ୍‌ରେ କାର୍ଯ୍ୟରତ ଜକେଇକେଲା ଗ୍ରାମର ଜେଲ ୱାର୍ଡର ସତ୍ୟାନନ୍ଦ ବେହେରା, ବାରକୋଟ ଥାନା ବଲଣ୍ଡା ଗ୍ରାମର ସାଗର ସାହୁ, କେନ୍ଦୁଝର ଜିଲ୍ଲା ପାଟଣା ଥାନା କୁଆପୋସି ଗ୍ରାମର ଯୁଧିଷ୍ଠିର ମହନ୍ତ ଓ ବଣେଇ ଥାନା ଜକେଇକେଲା ଗ୍ରାମର ଅଜିତ ସାହୁ । ଏଥିସହ ଚୋରା ଲୁହାପଥର ଗୁଣ୍ଡ ବୋଝେଇ ଏକ ୧୮ ଚକିଆ ଟ୍ରକ, ଜେସିବି ମେସିନ ଓ ଗୋଟିଏ ବୋଲେରୋ ଜବତ କରିଛି । ବିଳମ୍ବିତ ରାତିରେ ରଞ୍ଜ ଗ୍ରାମ ନିକଟ ଛକରୁ ଲୁହାପଥର ଗୁଣ୍ଡ ଚୋରାଚାଲାଣ ବେଳେ ପୁଲିସ ସେଠାରେ ଚଢଉ କରିଥିଲା । ଏହି ସମୟରେ ଅଭିଯୁକ୍ତ ଟ୍ରକ ଓ ଜେସିବି ଛାଡି ଫେରାର ହୋଇଯାଇଥିଲେ । ଏସ୍‌ଡିପିଓ ସୌମ୍ୟ ରଞ୍ଜନ ମଲ୍ଲିକଙ୍କ ନେତୃତ୍ୱରେ ପୁଲିସ ଘଟଣାର ତଦନ୍ତ ଆରମ୍ଭ କରିଛି ।

# ଖାଦ୍ୟ ସୁରକ୍ଷା ହିତାଧିକାରୀ ପରିବାରଙ୍କୁ ଝୋଟ ବ୍ୟାଗ ପ୍ରଦାନ

**ବ୍ରଜରାଜନଗର, (ସମିସ):** ଝାରସୁଗୁଡ଼ା ପଞ୍ଚାୟତ ସମିତି ଅନ୍ତର୍ଗତ ରାଜପୁର ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ଶୁକ୍ରବାର ଖାଦ୍ୟ ସୁରକ୍ଷା ହିତାଧିକାରୀ ପରିବାରଙ୍କୁ ଓଡ଼ିଶା ସରକାରଙ୍କ ତରଫରୁ ଦୁଇଟି ଲେଖାଏଁ ଝୋଟ ତିଆରି ବ୍ୟାଗ ପ୍ରଦାନ କାର୍ଯ୍ୟକ୍ରମର ଶୁଭାରମ୍ଭ କରାଯାଇଛି । ସବୁଜ ଓଡ଼ିଶା ଗଠନ ପାଇଁ ଦୈନନ୍ଦିନ ଜୀବନରେ ପ୍ଲାଷ୍ଟିକ ବ୍ୟବହାରର ହ୍ରାସ କରିବା ପାଇଁ ସର୍ବଦା ସଂକଳ୍ପବଦ୍ଧ ଥିବାବେଳେ ପରିବେଶ ସୁରକ୍ଷାକୁ ଗୁରୁତ୍ୱ ଦେଇ ସମସ୍ତଙ୍କୁ ସଚେତନ କରାଇବା ପାଇଁ ରାଜ୍ୟ ସରକାର ଲକ୍ଷ୍ୟ ରଖିଛନ୍ତି । ଅନୁଷ୍ଠିତ ଏହି ଶୁଭାରମ୍ଭ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବରେ ରାଜପୁର ସରପଞ୍ଚ ସରସ୍ୱତୀ ନାଏକ ଏବଂ ସମ୍ମାନିତ ଅତିଥି ଭାବରେ ସିଏସ୍‌ଓ ମାନସ ରଞ୍ଜନ ମହାପାତ୍ର, ବ୍ଲକ ଯୋଗାଣ ଅଧିକାରୀ ନିହାର ମହାପାତ୍ର, ନାଏବ ସରପଞ୍ଚ କୌଶଲ୍ୟା ଦେହୁରୀ, ବିଧାୟିକାଙ୍କ ପ୍ରତିନିଧି ଗଣେଶରାମ ବାଗ, ଯୋଗାଣ ସହାୟକ ସୁନିଲ ପ୍ରଧାନ ପ୍ରମୁଖ ଉପସ୍ଥିତ ରହିଥିଲେ ।



### ତଲେଇସର ସ୍କୁଲରେ ଶିକ୍ଷକ ଅଭାବ

# ସ୍କୁଲରୁ ପିଲାଙ୍କୁ ନେଇଗଲେ ଅଭିଭାବକ

**ଦେବଗଡ଼, ୯ ।୨(ସମିସ):** ଦେବଗଡ଼ ଜିଲ୍ଲା ରିଆମାଳ ବ୍ଲକ ଖିଲେଇ ପଞ୍ଚାୟତ ଅଧୀନ ତଲେଇସର ଗ୍ରାମରେ ଶିକ୍ଷକ ଅଭାବ ଯୋଗୁ ଅଭିଭାବକ ସେମାନଙ୍କ ପିଲାଙ୍କୁ ସ୍କୁଲରୁ ନେଇ ଯାଇଛନ୍ତି । ଏଣୁ ମଧ୍ୟାହ୍ନ ଭୋଜନ ନଷ୍ଟ ହୋଇଛି । ତେବେ ସୂଚନା ପାଇ ଖିଲେଇ ସିଆରସିସି ପ୍ରଦୀପ ଅଟ୍ଟା ପହଞ୍ଚି ଅଭିଭାବକମାନଙ୍କୁ ବୁଝାସୁଝା ପାଇଁ ଉଦ୍ୟମ କରିଥିଲେ ମଧ୍ୟ ଗ୍ରାମବାସୀ ନିଷ୍ପତ୍ତିରେ ଅଟଳ ରହିଥିଲେ । ଖୁବ ଶୀଘ୍ର ସମସ୍ୟାର ସମାଧାନ ହେବ ବୋଲି ସିଆରସିସି ପ୍ରକାଶ କରିଥିଲେ । ତଲେଇସର ଗ୍ରାମରେ ଶିକ୍ଷା ବ୍ୟବସ୍ଥାକୁ ସୁଦୃଢ଼ କରିବା ଲକ୍ଷ୍ୟରେ ୧୯୫୬ ମସିହାରେ ଏକ ପ୍ରାଥମିକ ବିଦ୍ୟାଳୟ ସ୍ଥାପନ କରାଯାଇଥିଲା । କିଛି ବର୍ଷ ପରେ ଏହି ସ୍କୁଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଭାବେ ମାନ୍ୟତା ପାଇଥିଲା । ବିଦ୍ୟାଳୟରେ ଚଳିତ ଶିକ୍ଷା ବର୍ଷରେ ପ୍ରଥମରୁ ସପ୍ତମ ଶ୍ରେଣୀ ପର୍ଯ୍ୟନ୍ତ ୫୮ ଛାତ୍ରଛାତ୍ରୀ ପଢୁଥିବା ବେଳେ ମାତ୍ର ୨ ଜଣ ଶିକ୍ଷକ ଅଛନ୍ତି । ସେଥିମଧ୍ୟରୁ ଜଣେ ଶିକ୍ଷକ ସରକାରୀ କାର୍ଯ୍ୟରେ ନିୟୋଜିତ ରହୁଥିବା ବେଳେ ଜଣେ ମାତ୍ର ଶିକ୍ଷକ ପ୍ରଥମରୁ ସପ୍ତମ ଶ୍ରେଣୀ ପର୍ଯ୍ୟନ୍ତ ଶିକ୍ଷାଦାନ କରିବା ଅସମ୍ଭବ ହୋଇପଡ଼ିଛି । ବିଦ୍ୟାଳୟରେ ଆବଶ୍ୟକ ଶିକ୍ଷକ ନିଯୁକ୍ତି ପାଇଁ ଗ୍ରାମବାସୀ ବହୁବାର ଶିକ୍ଷା ବିଭାଗ ଓ ଜିଲ୍ଲା ପ୍ରଶାସନ ନିକଟରେ ଅଭିଯୋଗ କରିଥିଲେ ମଧ୍ୟ କୌଣସି ସୁଫଳ ମିଳୁନି । ଗ୍ରାମବାସୀ, ଅଭିଭାବକ ଓ ସ୍କୁଲ ପରିଚାଳନା କମିଟି ଏକ ବୈଠକ କରି ବିଦ୍ୟାଳୟରେ ଶିକ୍ଷକ ନିଯୁକ୍ତି ନ ହେବାଯାଏଁ ପିଲାଙ୍କୁ ସ୍କୁଲକୁ ନ ଛାଡିବା ପାଇଁ ନିଷ୍ପତ୍ତି ନେଇଥିଲେ ।



**ନଷ୍ଟ ହେଲା ମଧ୍ୟାହ୍ନ ଭୋଜନ**

# ପରିବେଶ ସଚେତନତା କାର୍ଯ୍ୟକ୍ରମ

**ପଦ୍ମପୁର, ୯।୨(ସମିସ):** ପୁରେନା ପଞ୍ଚାୟତ ଉଚ୍ଚବିଦ୍ୟାଳୟରେ ଏକ ପରିବେଶ ସଚେତନତା କାର୍ଯ୍ୟକ୍ରମ ପ୍ରଧାନଶିକ୍ଷକ ରେଣୁଧର ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି । ପ୍ରକୃତିବନ୍ଧୁ ମୀନକେତନ ସାହୁ ମୁଖ୍ୟଅତିଥି ଭାବରେ ଯୋଗ ଦେଇଥିଲେ । ଜୁଲାଇରେ ବନମହୋତ୍ସବ ସପ୍ତାହ ପାଳନ ଅବସରରେ ଶ୍ରୀ ସାହୁ 'ସୁରକ୍ଷିତ ଭବିଷ୍ୟତପାଇଁ ଗଛଟିଏ' କାର୍ଯ୍ୟକ୍ରମ ମାଧ୍ୟମରେ ଛାତ୍ରଛାତ୍ରୀଙ୍କୁ ଗୋଟିଏ ଗୋଟିଏ ଚାରାଗଛ ପ୍ରଦାନ କରିଥିଲେ । ଯେଉଁ ଛାତ୍ରଛାତ୍ରୀମାନେ ଗଛର ଉପଯୁକ୍ତ ଯତ୍ନନେଇ ଗଛଟିକୁ ବଞ୍ଚେଇ ବଢ଼େଇ ପାରିଛନ୍ତି ତାଙ୍କୁ ପ୍ରକୃତି ଯୋଦ୍ଧା ଭାବରେ ମାନପତ୍ର ପ୍ରଦାନ କରାଯାଇଛି । ଶିକ୍ଷକ ପ୍ରମୋଦ ନାଥଙ୍କ ସଂଯୋଜନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଚନ୍ଦ୍ରଭାନୁ ବଡଗୁଛିଆ ଓ ସୁରେଶ ପଟେଲ ସହଯୋଗ କରିଥିଲେ । ନନ୍ଦିନୀ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ ।



### ଆନ୍ତଃଜିଲ୍ଲା ସ୍କୁଲ ଟୁର୍ଣ୍ଣାମେଣ୍ଟ

# ଫାଇନାଲରେ କେନ୍ଦ୍ରୀୟ ବିଦ୍ୟାଳୟ

**ଦେବଗଡ଼, ୯ ।୨(ସମିସ):** ଦେବଗଡ଼ ଜିଲ୍ଲା କ୍ରିକେଟ ସଙ୍ଘ ପକ୍ଷରୁ ସ୍ଥାନୀୟ ଇନ୍ଦିରାଗାନ୍ଧୀ ଷ୍ଟାଡିୟମରେ ଅନୁଷ୍ଠିତ ଆନ୍ତଃ ଜିଲ୍ଲା ସ୍କୁଲ ଟୁର୍ଣ୍ଣାମେଣ୍ଟର ପ୍ରଥମ ସେମି ଫାଇନାଲ ମ୍ୟାଚରେ ରିଆମାଳ ହାଇସ୍କୁଲକୁ ୧୬ ରନ୍‌ରେ ପରାସ୍ତ କରି କେନ୍ଦ୍ରୀୟ ବିଦ୍ୟାଳୟ ଫାଇନାଲକୁ ଉତ୍ତୀର୍ଣ୍ଣ ହୋଇଛି । କେନ୍ଦ୍ରୀୟ ବିଦ୍ୟାଳୟ ଟସ୍ ଜିତି ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୩୦ ଓଭରରୁ ୨୭.୫ ଓଭରରେ ସମସ୍ତ ଉଇକେଟ ହରାଇ ୧୭୦ ରନ୍ ସଂଗ୍ରହ କରିଥିଲା । ଦଳ ପକ୍ଷରୁ ଟିକେଶ୍ୱର୍ ନାଏକ ୫୩ ଓ ପ୍ରଭାସ ସାହୁ ୪୩ ରନ୍ କରିଥିବା ବେଳେ ରିଆମାଳ ଦଳର ନୀତେଶ ମହାକୁଡ଼ ୪ ଓ ବସନ୍ତ ପ୍ରଧାନ ୩ ଉଇକେଟ ନେଇଥିଲେ । ଜବାବରେ ରିଆମାଳ ଦଳ ୧୭.୨ ଓଭରରେ ସମସ୍ତ ଉଇକେଟ ହରାଇ ୧୫୪ ରନ୍ କରି ପରାଜିତ ହୋଇଥିଲା । ଦଳ ପକ୍ଷରୁ ସ୍ୱାଙ୍ଗ ରଥ ୪୭, ଲିପୁନ୍ ନାୟକ ୩୧ ଓ ତୁଷାର ସାହୁ ୨୬ ରନ୍ କରିଥିବା ବେଳେ କେନ୍ଦ୍ରୀୟ ବିଦ୍ୟାଳୟ ଦଳର ସ୍ୱପ୍ନିଲ ପ୍ରଧାନ ୪, ଶୁଭମ୍ ଦାସ, ପ୍ରଭାସ ସାହୁ ଓ ପ୍ରୀୟମ୍ ଦେହୁରୀ ୨ଟି ଲେଖାଏଁ ଉଇକେଟ ଅକ୍ତିଆର କରିଥିଲେ । ଅମ୍ପାୟର ଭାବେ ନବୀନ ରାଉଳ ଓ ରାଜା ରାଣା ଦାୟିତ୍ୱ ତୁଲାଇଥିବାବେଳେ ସ୍କୋରର ଭାବେ ସୌମ୍ୟ ରଞ୍ଜନ ନାୟକ ଦାୟିତ୍ୱ ନିର୍ବାହ କରିଥିଲେ । ରିତିକ ଦେହୁରୀ ଏବଂ ବେଣୁଧର ଗଡ଼ନାୟକ ଧାରା ବିବରଣୀ ଦେଇଥିଲେ ।




# ଅଞ୍ଚଳ କଲେଜରେ ଜାତୀୟ ଆଲୋଚନାଚକ୍ର

**ପଦ୍ମପୁର, ୯।୨ (ସମିସ):** ପଦ୍ମପୁର ଅଞ୍ଚଳ ମହାବିଦ୍ୟାଳୟରେ ଜାତୀୟ ଶିକ୍ଷା ନୀତି-୨୦୨୦ ଉପରେ ଏକ ଜାତୀୟ ଆଲୋଚନାଚକ୍ର ଅଧ୍ୟକ୍ଷ ଲଳିତ ମୋହନ ପଣ୍ଡାଙ୍କ ସଭାପତିତ୍ୱରେ ଉଦଘାଟିତ ହୋଇଛି । ସମ୍ବଲପୁର ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ବିଧୁଭୂଷଣ ମିଶ୍ର ମୁଖ୍ୟଅତିଥି, ସମ୍ମାନିତ ଅତିଥି ଇଗ୍ନୌର ପ୍ରଫେସର ସନ୍ତୋଷ ପଣ୍ଡା ଅନଲାଇନ ମାଧ୍ୟମରେ ଯୋଗ ଦେଇଥିଲେ । ମହାରାଜା ଶୟଜିରାଓ ବିଶ୍ୱବିଦ୍ୟାଳୟ ବରୋଦାର ପ୍ରଫେସର ସୁଦର୍ଶନଚକ୍ର ପାଣିଗ୍ରାହୀ ଯୋଗ ଦେଇଥିଲେ । ଏନସିଇଆରଟିର ଅବସରପ୍ରାପ୍ତ ନିର୍ଦ୍ଦେଶକ ପ୍ରଫେସର ହୃଷୀକେଶ ସେନାପତି ମୁଖ୍ୟବକ୍ତା ଭାବରେ ଯୋଗ ଦେଇଥିଲେ । ଅଞ୍ଚଳ ମହାବିଦ୍ୟାଳୟର ଶିକ୍ଷା ବିଭାଗର ମୁଖ୍ୟ ଡ଼ ତୁଷାରକାନ୍ତ ସାହୁ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଡ଼ ଭେଙ୍କଟେଶ୍ୱର ମେହେର ଆଲୋଚନାଚକ୍ରର ଉଦ୍ଦେଶ୍ୟ ଉପସ୍ଥାପନ କରିଥିଲେ ।

# ଜିଲ୍ଲା ଆଇନସେବା ପ୍ରାଧିକରଣ ପକ୍ଷରୁ ସଡ଼କ ସୁରକ୍ଷା କାର୍ଯ୍ୟକ୍ରମ

**ଝାରସୁଗୁଡ଼ା, ୯।୨(ସମିସ)**

ଜିଲ୍ଲା ଆଇନ୍ ସେବା ପ୍ରାଧୀକରଣ ଝାରସୁଗୁଡ଼ା ପକ୍ଷରୁ ସଡ଼କ ସୁରକ୍ଷା, ମୋଟର ଯାନ ଦୁର୍ଘଟଣା ଦାବି ଟ୍ରିବ୍ୟୁନାଲ, ମୋଟର ଯାନ ନିୟମ ଓ ସଂଶୋଧିତ ଦାବି ଟ୍ରିବ୍ୟୁନାଲ ରାଜିନାମା ପ୍ରକ୍ରିୟା ସମ୍ପର୍କିତ ଏକ ସଚେତନତା ପଦଯାତ୍ରା ଜିଲ୍ଲା ଓ ଦୌରାଜଜ ତଥା ଜିଲ୍ଲା ଆଇନସେବା ପ୍ରାଧୀକରଣର ଅଧ୍ୟକ୍ଷ ଦିଗାମ୍ବର ପୃଷ୍ଟିଙ୍କ ନିର୍ଦ୍ଦେଶ କ୍ରମେ ଅନୁଷ୍ଠିତ ହୋଇଯାଇଅଛି । ଏହି ପଦଯାତ୍ରା ବେହେରାମାଲଠାରୁ ବାହାରି ଜିଲ୍ଲା ଆଇନସେବା ପ୍ରାଧୀକରଣ କାର୍ଯ୍ୟାଳୟ ପର୍ଯ୍ୟନ୍ତ ପହଞ୍ଚିଥିଲା । ଏହି ପଦଯାତ୍ରାକୁ ମୁଖ୍ୟ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ ଚିତ୍ତରଞ୍ଜନ ମିଶ୍ର ସବୁଜ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ । ଜିଲ୍ଲା ଆଇନସେବା ପ୍ରାଧୀକରଣ ସଚିବ ସୁଶ୍ରୀ ନେହା ଦାସ, ବରିଷ୍ଠ ଦେୱାନୀ ବିଚାରପତି ଦିବ୍ୟଶଚି ବେହେରା, ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ (କଗନିଜେନ୍ସ) ଶ୍ରୀମୟୀ ନନ୍ଦ, ଅତିରିକ୍ତ ସିଭିଲ ଜଜ (କନିଷ୍ଠ) ତଥା ଦ୍ୱିତୀୟ ଶ୍ରେଣୀ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ ଅନିମେଶ ସାମଲ ଓ ଆଞ୍ଚଳିକ ପରିବହନ ଅଧିକାରୀ ଦୀନବନ୍ଧୁ ଶୁଣ୍ଠି ସାମିଲ ହୋଇଥିଲେ । ପରେ ଜିଲ୍ଲା ଆଇନସେବା ପ୍ରାଧୀକରଣର ସମ୍ମିଳନୀ କକ୍ଷରେ ଆୟୋଜିତ ଏକ ଆଇନ୍ ସଚେତନତା କାର୍ଯ୍ୟକ୍ରମରେ ସ୍ଥାୟୀ ଲୋକ ଅଦାଲତର ଅଧ୍ୟକ୍ଷ ଅଶ୍ୱିନୀ କୁମାର ନାୟକ, ପରିବାର ଅଦାଲତର ବିଚାରପତି ଲୋକନାଥ ସାହୁ, ମୁଖ୍ୟ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ ଚିତ୍ତରଞ୍ଜନ ମିଶ୍ର, ଜିଲ୍ଲା ଆଇନସେବା ପ୍ରାଧିକରଣ ସଚିବ ସୁଶ୍ରୀ ନେହା ଦାସ, ବରିଷ୍ଠ ଦେୱାନି ବିଚାରପତି ଦିବ୍ୟସଚି ବେହେରା, କନିଷ୍ଠ ଦେୱାନି ବିଚାରପତି ରୋଶନିବାଳା ସେନାପତି, ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ (କଗନିଜେନ୍ସ) ଶ୍ରୀମୟୀ ନନ୍ଦ, ଅତିରିକ୍ତ ସିଭିଲ ଜଜ (କନିଷ୍ଠ) ତଥା ଦ୍ୱିତୀୟ ଶ୍ରେଣୀ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ ଅନିମେଷ ସାମଲ ଓ ମୋଟର ଯାନ ନିରୀକ୍ଷକ ଲୋକନାଥ ମେହେର ପ୍ରମୁଖ ଉପସ୍ଥିତ ଥିଲେ । ପ୍ରାଧୀକରଣର ତାଲିକାଭୁକ୍ତ ଆଇନଜୀବୀ ରୂପାଲି ଚାଟାର୍ଜୀ ଓ ଅହଲ୍ୟା ନାୟକ, ପାରା ଲିଗାଲ ସ୍ୱେଚ୍ଛାସେବୀ, ପ୍ରସନ୍ନ ପଣ୍ଡା ଆଇନ୍ ମହାବିଦ୍ୟାଳୟର ଛାତ୍ରଛାତ୍ରୀ, ଲକ୍ଷ୍ମୀନାରାୟଣ ମହାବିଦ୍ୟାଳୟର ସମର ଶିକ୍ଷାର୍ଥୀ ବାହିନୀର ଛାତ୍ରଛାତ୍ରୀମାନେ ଏହି ସଚେତନତା ପଦଯାତ୍ରା ଓ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ । ସଚେତନତା କାର୍ଯ୍ୟକ୍ରମରେ ସଡ଼କ ସୁରକ୍ଷା ସମ୍ପର୍କିତ ବିଭିନ୍ନ ଆଇନ୍, ମୋଟର ଯାନ ଦୁର୍ଘଟଣା ଦାବି ଜନିତ ଟ୍ରିବ୍ୟୁନାଲରେ କ୍ଷତିପୂରଣ ପ୍ରଦାନ ର ପ୍ରଣାଳୀ, ମୋଟର ଯାନ ସମ୍ପର୍କିତ ବିଭିନ୍ନ ଆଇନ୍ ଓ ସଂଶୋଧିତ ଦାବି ଟ୍ରିବ୍ୟୁନାଲ ରାଜିନାମା ପ୍ରକ୍ରିୟା ସମ୍ପର୍କରେ ସଚେତନ କରାଯାଇଥିଲା ।




# ଖାଦ୍ୟ ସୁରକ୍ଷା ହିତାଧିକାରୀଙ୍କୁ ଝୋଟବ୍ୟାଗ ବଣ୍ଟନ

**ଦେବଗଡ଼/ରିଆମାଳ, ୯ ।୨(ସମିସ):** ସବୁଜ ଓଡ଼ିଶା ଗଠନ ପାଇଁ ଦୈନନ୍ଦିନ ଜୀବନରେ ପ୍ଲାଷ୍ଟିକ ବ୍ୟବହାର ହ୍ରାସ କରିବାର ସଂକଳ୍ପ ସହ ପରିବେଶ ସୁରକ୍ଷା ନିମନ୍ତେ ରିଆମାଳ କଲ୍ୟାଣ ମଣ୍ଡପରେ ଖାଦ୍ୟ ସୁରକ୍ଷା ହିତାଧିକାରୀଙ୍କୁ ରାଜ୍ୟ ସରକାରଙ୍କ ପକ୍ଷରୁ ଝୋଟ ବ୍ୟାଗ ବଣ୍ଟନ କରାଯାଇଛି । ଜିଲ୍ଲା ଯୋଗାଣ ଅଧିକାରୀ ରଞ୍ଜନ ପଣ୍ଡାଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଜିଲ୍ଲା ପରିଷଦ ଅଧ୍ୟକ୍ଷ କୌଶିକ ପ୍ରଧାନ, ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଜିଲ୍ଲାପାଳ ରେବେକା ବିଲୁଙ୍ଗ, ସରପଞ୍ଚ ବୀଣାପାଣି ନାୟକ, ସମିତି ସଦସ୍ୟା ତପସ୍ୱିନୀ କୁମୁରା ପ୍ରମୁଖ ଯୋଗ ଦେଇଥିଲେ ।



